# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 13, ISSUE NO. - 20, DATE : 01.02.2026 - 15.02.2026 FORTNIGHTLY (ODIA), BHUBANESWAR. PAGES-08


## ଜନବିରୋଧୀ ଶ୍ରମ କୋଡ୍ ଓ ୧୨ ଫେବୃୟାରୀର ଦେଶବ୍ୟାପୀ ସାଧାରଣ ଧର୍ମଘଟ

କେନ୍ଦ୍ରର ବିଜେପି ପରିଚାଳିତ ଏନ୍‌ଡିଏ ସରକାର ନଭେମ୍ବର ୨୧ତାରିଖ ଦିନ ଦେଶରେ ପ୍ରଚଳିତ ୨୯ଟି କେନ୍ଦ୍ରୀୟ ଶ୍ରମ ଆଇନକୁ ବାତିଲ କରି ୪ଟି ଶ୍ରମ କୋଡ୍ ସାମଗ୍ରିକଭାବେ ଲାଗୁ କରିବା ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। ବିପ୍ଳବୀ ଶ୍ରମିକ ସଂଗଠନ ଏଆଇୟୁଟିୟୁସି ସମେତ ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, ବିଭିନ୍ନ କର୍ମଚାରୀ ଫେଡେରେସନ ସମେତ ସାଧାରଣ ଜନତା ଏହାର ବିରୋଧ କରି ଆସୁଛନ୍ତି ଓ ଦେଶବ୍ୟାପୀ ଆନ୍ଦୋଳନ ମଧ୍ୟ ସଂଗଠିତ ହୋଇଛି। ମାତ୍ର କେନ୍ଦ୍ର ସରକାର ଜନଆନ୍ଦୋଳନ ଓ ଜନମତକୁ ଭ୍ରୁକ୍ଷେପ ନକରି ଏହି ବିଜ୍ଞପ୍ତି ଜାରି କରିଛନ୍ତି। ଇତିମଧ୍ୟରେ କେନ୍ଦ୍ର ତଥା ଦେଶର ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ମଧ୍ୟରୁ ୩୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ସରକାରମାନେ ଏହି କୋଡର ସଂଗତିପୂର୍ଣ୍ଣ ଡ୍ରାଫ୍ଟ ରୁଲ(ଚିଠା ନିୟମ) ପ୍ରାୟ ତିଆରି କରିସାରିଛନ୍ତି। ଗୁଜୁରାଟ ଓ ଆରୁଣାଚଳପ୍ରଦେଶ ରୁଲ ଚୂଡାନ୍ତ କରି ଲାଗୁ କରିବା ଉପରେ। ଚଳିତ ୨୦୨୬ ବର୍ଷରେ ହିଁ ଏହି ଶ୍ରମକୋଡ୍ ଲାଗୁ କରିବାକୁ ସରକାର ବଦ୍ଧ ପରିକର। ଉଲ୍ଲେଖଯୋଗ୍ୟ, ଦେଶରେ କରୋନା ମହାମାରି ସମୟରେ କେନ୍ଦ୍ର ସରକାର ଅତି ଅଗଣତାନ୍ତ୍ରିକ ଭାବେ ୨୦୧୯ରେ ଗୋଟିଏ ଓ ୨୦୨୦ରେ ଆଉ ତିନୋଟି ଶ୍ରମକୋଡ୍ ଆଣିଥିଲେ। ତେବେ ଶ୍ରମକୋଡ୍ ଘୋଷଣା ହେବା ସମୟରୁ, ୨୦୧୪-୧୫ରୁ ହିଁ ଏହାର ବିରୋଧ ହୋଇ ଆସୁଛି। ଆଗାମୀ ଫେବୃୟାରୀ ୧୨ତାରିଖ ଦିନ ଏହି ଅତ୍ୟନ୍ତ ଜନବିରୋଧୀ ଶ୍ରମ କୋଡ ସଂପୂର୍ଣ୍ଣ ବାତିଲ ତଥା ଅନ୍ୟାନ୍ୟ ଦାବିରେ ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ କର୍ମଚାରୀ ଫେଡେରେସନ ମିଳିତଭାବେ ଦେଶବ୍ୟାପୀ ଧର୍ମଘଟର ଡାକରା ଦେଇଛନ୍ତି। ସେହି ପରିପ୍ରେକ୍ଷୀରେ ୪ଟି ଶ୍ରମକୋଡକୁ କାହିଁକି ବିରୋଧ କରି ଏହି ଧର୍ମଘଟକୁ ସଫଳ କରିବା ସାଧାରଣ ଜନତାଙ୍କ ପାଇଁ ଅତି ଜରୁରୀ, ସେ ସଂକ୍ରାନ୍ତୀୟ ଆଲୋଚନା ଜନଗଣଙ୍କ ବିଚାର ନିମନ୍ତେ ଏହି ନିବନ୍ଧରେ ଉପସ୍ଥାପନା କରାଯାଇଛି।

### ବିଚାରର ମାପକାଠି

ପ୍ରଥମତଃ, କୌଣସି ଆଇନ ଭଲ କି ମନ୍ଦ, ମଙ୍ଗଳକାରୀ କି ଅନିଷ୍ଟକାରୀ ତାହା ଶ୍ରେଣୀ ଦୃଷ୍ଟିଭଙ୍ଗି ଦ୍ୱାରା ବିଚାର କରିବା ଉଚିତ। ଏହାର ଅର୍ଥ ହେଲା, ସେହି ନୀତି, ଆଇନ ବା ପଦକ୍ଷେପ ମୁଷ୍ଟିମେୟ ଧନୀ ପୁଞ୍ଜିପତି ଶ୍ରେଣୀର ସ୍ୱାର୍ଥ ନା ସଂଖ୍ୟାଗରିଷ୍ଠ ଶୋଷିତ ସାଧାରଣ ଜନତା, ଶ୍ରମିକ ଶ୍ରେଣୀର ସ୍ୱାର୍ଥ ଚିରତାର୍ଥ କରୁଛି, ତାହା ହିଁ ହେବ ବିଚାରର ମାପକାଠି। ଏହି ୪ଟି ଶ୍ରମ କୋଡ୍ ପ୍ରଚଳନ କରିବା ବିଷୟଟିକୁ ମଧ୍ୟ ସେହି ଦୃଷ୍ଟିଭଙ୍ଗୀରେ ବିଚାର କରିବାକୁ ହେବ। ଏହି ଶ୍ରମ କୋଡ୍ ଆଣିବା ପଛରେ ଥିବା ଉଦ୍ଦେଶ୍ୟ ସଂପର୍କରେ ସରକାରୀ ଭାବେ ଯାହା କୁହାଯାଇଛି, ସେଥିରୁ ଏହା ସ୍ପଷ୍ଟ ଯେ, ଏହା କେଉଁ ଶ୍ରେଣୀର ସ୍ୱାର୍ଥ ଚରିତାର୍ଥ କରିବ ଓ କେଉଁ ଶ୍ରେଣୀର ସ୍ୱାର୍ଥ ବିଘ୍ନିତ କରିବ। ସରକାରଙ୍କ ଘୋଷଣା ଅନୁଯାୟୀ ଫର ଇଜ୍ ଅଫ୍ ଡୁଇଂ ବିଜନେସ୍ ଅର୍ଥାତ୍ ବ୍ୟବସାୟର ସୁବିଧା ନିମନ୍ତେ ବର୍ତ୍ତମାନର ୨୯ଟି ଶ୍ରମ ଆଇନକୁ ବାତିଲ କରି ଏହି ୪ଟି ଶ୍ରମକୋଡ ଅଣାଯାଇଛି। କହିବା ବାହୁଲ୍ୟ, ସାଧାରଣ ଡାଲି ଚାଉଳ ବ୍ୟବସାୟର ସୁବିଧା ପାଇଁ ନୁହେଁ, ମନୋପଲି ବ୍ୟବସାୟ, ମଲ୍ଟିନେସନାଲ ବା ବହୁଦେଶୀୟ କମ୍ପାନୀମାନଙ୍କ ଏକଚାଟିଆ ବ୍ୟବସାୟକୁ ସୁବିଧା କରିଦେବା ପାଇଁ ଏହି ଶ୍ରମ କୋଡ ଆଣାଯାଇଛି।

### ଶ୍ରମକୋଡର ପୃଷ୍ଠଭୂମି

୧୯୯୯ ମସିହାରେ କେନ୍ଦ୍ରରେ ବିଜେପି ପରିଚାଳିତ ଏନ୍‌ଡିଏ ସରକାର ସମୟରେ ଶ୍ରମ କୋଡର ଧାରଣା ଆସିଥିଲା। ଏହି ସରକାର ଦ୍ୱିତୀୟ ନେସନାଲ କମିଶନ ଅନ୍ ଲେବର ବସାଇଥିଲେ। ୧୯୭୭ ମସିହାରେ କେନ୍ଦ୍ରର ତତ୍କାଳୀନ ଜନତା ପାର୍ଟି ସରକାରରେ ଶ୍ରମ ମନ୍ତ୍ରୀ ଥିବା ରବିନ୍ଦ୍ର ବର୍ମାଙ୍କୁ

(ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ)


## ଅତିରିକ୍ତ ସୁରକ୍ଷା ଜମା ଆଦାୟ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଅଧିକ ଶୋଷଣ ପାଇଁ ଅନ୍ୟ ଏକ ପଦକ୍ଷେପ

ଓଡିଶା ରାଜ୍ୟରେ ଘରୋଇ ବିଦ୍ୟୁତ୍ ବଂଟନ କଂପାନୀ ଟାଟା ପାୱାରର ହୁକୁମାତିରେ ଓଡିଶା ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଓଡିଶା ରାଜ୍ୟ ବିଦ୍ୟୁତ୍ ନିୟନ୍ତ୍ରଣ ଆୟୋଗ (ଓ.ଇ.ଆର.ସି ) ମାଧ୍ୟମରେ ବିଦ୍ୟୁତ୍ ଆଇନ ୨୦୦୩ ଆଳରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ଠାରୁ ଅତିରିକ୍ତ ସୁରକ୍ଷା ଜମା(Additional Security Deposit) ଆଦାୟ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଘରୋଇ ବିଦ୍ୟୁତ୍ ବଂଟନ କଂପାନୀ ଟାଟା ପାୱାରର ଶତକଡା ୫୧ ଅଂଶଧନ ଓ ଓଡିଶା ରାଜ୍ୟ ସରକାରଙ୍କ ଅଂଶଧନକୁ ନେଇ ଗଠିତ ମିଳିତ ବିଦ୍ୟୁତ ବଂଟନ କଂପାନୀ ଟିପିସିଓଡିଏଲ୍, ଟିପିଏନଓଡିଲ୍, ଟିପିଏସ୍‌ଓଡିଲ୍ ଏବଂ ଟିପିଡବ୍ଲ୍ୟୁଓଡିଏଲ୍ ରାଜ୍ୟର ବିଦ୍ୟୁତ ଉପଭୋକ୍ତାଙ୍କ ଠାରୁ ଅତିରିକ୍ତ ସୁରକ୍ଷା ଜମା (Additional security deposit) ଆଦାୟ ପାଇଁ ଉଦ୍ୟମ କରି ଚାଲିଛନ୍ତି । ଏହାକୁ ବିଦ୍ୟୁତ ବିଲରେ ଉଲ୍ଲେଖ କରିବା ସହିତ ଏହା ଜମା ନକଲେ ୩୦ଦିନ ମଧ୍ୟରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଦେବାକୁ ମଧ୍ୟ ଧମକ ଦିଆଯାଇଛି। ଏହାକୁ ନେଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ଏହି ଅନ୍ୟାୟ ପଦକ୍ଷେପ ବିରୁଦ୍ଧରେ ଅଲ୍ ଇଣ୍ଡିଆ ଇଲେକ୍ଟ୍ରିସିଟି କଂଜ୍ୟୁମର୍ସ ଆସୋସିଏସନ(AIECA) ସମେତ ଅନ୍ୟାନ୍ୟ ବିଦ୍ୟୁତ୍ ଉପଭୋକ୍ତା ସଂଗଠନ ଓ ଉପଭୋକ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିଆସୁଛନ୍ତି। ରାଜ୍ୟ ସରକାରଙ୍କ ପ୍ରଶାସନିକ ଅଧିକାରୀମାନେ ଓ ବିଦ୍ୟୁତ୍ ବଂଟନ କଂପାନୀ ଅଧିକାରୀମାନେ ସ୍ପଷ୍ଟୀକରଣ ଦେଇ କହିଆସୁଛନ୍ତି ଯେ, ଏହା ବିଦ୍ୟୁତ୍ ଆଇନ-୨୦୦୩ ଅନୁଯାୟୀ ଓଇଆରସିର ଗାଇଡଲାଇନ ଭିତ୍ତିରେ ଆଦାୟ କରାଯାଉଛି। ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ଏହି ଅତିରିକ୍ତ ସୁରକ୍ଷା ଜମା ଆଦାୟ କରିବା ସମର୍ଥନରେ ଯାହାବି ଯୁକ୍ତି ଅବତାରଣା କରାଯାଉନା କାହିଁକି ଏହା ଘରୋଇ ବିଦ୍ୟୁତ ବଂଟନ କଂପାନୀ ଟାଟା ପାୱାର ସ୍ୱାର୍ଥରେ ପଦକ୍ଷେପ ଗ୍ରହଣ କରାଯାଇଛି, ଏଥିରେ କୌଣସି ସନ୍ଦେହ ନାହିଁ।

ବିଦ୍ୟୁତ ବଂଟନ କଂପାନୀର ଲାଭ ପାଇଁ 'ଓଡିଶା ବିଦ୍ୟୁତ ନିୟାମକ ଆୟୋଗ' ( Odisha Electricity Regulatory Commission) ପଦକ୍ଷେପ ଗ୍ରହଣ କରି ଆସୁଛନ୍ତି।

ବିଦ୍ୟୁତ୍ ବିନା ଆଧୁନିକ ମାନବ ସମାଜର ବିକାଶ ଅସମ୍ଭବ। ସ୍ୱାଧୀନ ଭାରତରେ ବିଦ୍ୟୁତ ଭଳି ଏକ ଅତ୍ୟାବଶ୍ୟକୀୟ ସେବା କ୍ଷେତ୍ରକୁ 'ଲାଭ ନୁହେଁ କି କ୍ଷତି ନୁହେଁ' ଭିତ୍ତିରେ ପରିଚାଳନା କରିବା ନିମନ୍ତେ ସରକାର ପ୍ରତ୍ୟକ୍ଷ ଭାବେ ବିଦ୍ୟୁତ୍ ଉତ୍ପାଦନ, ସରବରାହ ଓ ବଂଟନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ। ସେଥିପାଇଁ ପରାଧୀନ ଭାରତରେ ପ୍ରଣୀତ ଭାରତୀୟ ବିଦ୍ୟୁତ ଆଇନ୍ ୧୯୧୦(Indian Electricity Act 1910)କୁ କେନ୍ଦ୍ର ସରକାର ଉଚ୍ଛେଦ କରି 'ବିଦ୍ୟୁତ ବଂଟନ ଆଇନ୍ ୧୯୪୮' ପ୍ରଣୟନ କରିଥିଲେ। ଏହି ଆଇନ ଅନୁସାରେ ପ୍ରତି ରାଜ୍ୟରେ ରାଜ୍ୟ ବିଦ୍ୟୁତ୍ ବୋର୍ଡ ଗଠନ କରି ତା ମାଧ୍ୟମରେ ବିଦ୍ୟୁତ୍ ବ୍ୟବସ୍ଥା ପରିଚାଳିତ ହୋଇ ଆସୁଥିଲା। ଓଡିଶା ରାଜ୍ୟରେ ମଧ୍ୟ ଓଡିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ (Odisha State Electricity Board- OSEB) ଗଠିତ ହୋଇ ବିଦ୍ୟୁତ୍ ଉତ୍ପାଦନ, ସରବରାହ ଓ ବଂଟନ (Electricity Generation, Transmission and Distribution) ୧୯୯୫ ମସିହା ପର୍ଯ୍ୟନ୍ତ ପରିଚାଳିତ ହୋଇ ଆସୁଥିଲା। ବିଦ୍ୟୁତ୍ ବଂଟନ ଆଇନ ୧୯୪୮ର ଧାରା ୪୯ ଅନୁସାରେ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ ସମୟରେ ବ୍ୟବହାର ପାଇଁ ଆକଳନ କରା ଯାଇଥିବା ବିଦ୍ୟୁତର ପରିମାଣ(ଲୋଡ୍)କୁ ଭିତ୍ତି କରି ଆକଳିତ ତିନିମାସର ଦେୟ (ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ରାଶି)କୁ ସୁରକ୍ଷା ଜମା(Security Deposit) ଓଏସ୍‌ଇବି(OSEB)କୁ ଉପଭୋକ୍ତା ଦେଉଥିଲେ। ଏକଚାଟିଆ ପୁଞ୍ଜିପତିଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ୧୯୯୧ ମସିହାରେ ତତ୍କାଳୀନ କେନ୍ଦ୍ରର କଂଗ୍ରେସ ସରକାର ଆମ ଦେଶରେ ନୂତନ ଆର୍ଥିକ ନୀତି-ମୁକ୍ତ ବଜାର ଆର୍ଥିକ ନୀତି ( New Economic Policy- Liberalisation Market Economic Policy) ପ୍ରଚଳନ କରି ରାଷ୍ଟ୍ରାୟତ୍ତ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)





### ଭିତର ପୃଷ୍ଠାରେ

- ★ ସାମ୍ରାଜ୍ୟବାଦ ଯେତେଦିନ ରହିବ ସେତେଦିନ ଯୁଦ୍ଧର ବିପଦ ମଧ୍ୟ ରହିବ -ଲେନିନ୍
- ★ ବାଙ୍ଗାଲୋର ସହରରେ ସର୍ବଭାରତୀୟ ଜନ ସଂସଦ ଉଦ୍‌ଯାପିତ ଏନ୍‌ଇପି-୨୦୨୦ର ବିକଳ୍ପ ଭାବେ ଜନ ଶିକ୍ଷାନୀତି (ପିଇପି) ଗୃହିତ

## ଜନବିରୋଧି . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଏହାର ଚେୟାମରମ୍ୟାନ ଭାବେ ନିଯୁକ୍ତି କରାଯାଇଥିଲା। ୨୦୦୨ ମସିହାରେ ଏହାର ସୁପାରିଶ ଗୁଡିକ ଆସିଥିଲା। ସେଥିରେ କୁହାଯାଇଥିଲା, ବହୁ ପୂର୍ବରୁ କେନ୍ଦ୍ର ଓ ବିଭିନ୍ନ ରାଜ୍ୟରେ ଅନେକଗୁଡିଏ ଶ୍ରମ ଆଇନ ସବୁ ରହିଛି। ବର୍ତ୍ତମାନ ସମୟରେ ଏଗୁଡିକର ଆଉ ପ୍ରାସଙ୍ଗିକତା ନାହିଁ। ଆହୁରି ମଧ ବହୁ ଆଇନ ବ୍ରିଟିଶ ଅମଳରୁ ହିଁ ପ୍ରଣୟନ ହୋଇଛି। ଫଳରେ ଏଥିରେ ବ୍ରିଟିଶ ଐତିହ୍ୟ ଓ ପରମ୍ପରା ଭରି ରହିଛି। ତେଣୁ ଏହି ଆଇନଗୁଡିକର ସରଳୀକରଣ ଓ ସମ୍ମିଶ୍ରଣ ମଧଦେଇ ବର୍ତ୍ତମାନ ସମୟ ସହିତ ସାମଞ୍ଜସ୍ୟପୂର୍ଣ୍ଣ କରିବା ଦରକାର। ତେଣୁ ଏହି ଶ୍ରମ ଆଇନଗୁଡିକୁ ୪ଟିରୁ ୫ଟି ଶ୍ରମ କୋଡ ମଧରେ ବିଲୁପ୍ତ କରିଦେବା ଦରକାର। ତତ୍‌କାଳୀନ ବିଜେପି ପରିଚାଳିତ ଏନ୍‌ଡିଏ ସରକାର ଏହି ସୁପାରିଶଗୁଡିକୁ ଗ୍ରହଣ କରିଥିଲା। ତେବେ ସେତେବେଳେ ପାର୍ଲିଆମେଣ୍ଟରେ ସଂଖ୍ୟାଲଘୁଥିବା ବିଜେପି ସରକାର ଏହାକୁ କାର୍ଯ୍ୟକାରୀ କରିପାରିନଥିଲା। ଏହାପରେ ୨୦୦୪ରୁ ୨୦୧୪, କେନ୍ଦ୍ରରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଥିଲା। ଆଜି ତୁମ୍ବିତୋଫାନ କରୁଥିବା କଂଗ୍ରେସ ଦଳ କ୍ଷମତାରେ ଥିବାବେଳେ ଏହାକୁ ଶ୍ରମିକ ବିରୋଧୀ କହି ନଥିଲା କି ବାତିଲ ମଧ କରିନଥିଲା। ବିଧିବଦ୍ଧ ଭାବେ ସେହି ସରକାର ଏହି କୋଡକୁ କାର୍ଯ୍ୟକାରୀ କରି ନଥିଲେ ବି ଏହାର କିଛି କିଛି ଦିଗ କାର୍ଯ୍ୟକାରୀ କରୁଥିଲେ। ସଂସଦରେ ଦୃଢ ସଂଖ୍ୟାବଳର ଅଭାବ ଓ ବିଭିନ୍ନ ଅଂଶୀଦାର ଦଳମାନଙ୍କ ସହିତ ଏହାର କାର୍ଯ୍ୟକାରିତା ସଂପର୍କରେ ବୁଝାମଣା କରୁ କରୁ ସମୟ ପାର ହୋଇଯାଇଥିଲା। ୨୦୧୪ରେ ପୁଣି କ୍ଷମତାକୁ ଆସିଥିବା ବିଜେପି, ୨୦୧୯ବେଳକୁ ନିଜର କ୍ଷମତାକୁ ସୁଦୃଢ କରିପାରିଥିଲା ଓ ୨୦୧୯ କରୋନା ମହାମାରି ସୁଯୋଗରେ ଏହି ଶ୍ରମ କୋଡକୁ ସଂସଦରେ ଅତି ତରବରିଆ ଭାବେ ଗୃହୀତ କରାଇ ନେଇଥିଲା। ଏଠି ଉଲ୍ଲେଖଯୋଗ୍ୟ, ସଂସଦର ଉଭୟ ଗୃହରେ ଏହି ବିଲକୁ ପାଶ କରାଇବା କ୍ଷେତ୍ରରେ ବିଜୁ ଜନତା ଦଳ ସମର୍ଥନ ଦେଇ କେନ୍ଦ୍ରର ବିଜେପି ସରକାରକୁ ସହଯୋଗ କରିଥିଲା।

### କେଉଁ ପରିସ୍ଥିତି ସହ ସାମଞ୍ଜସ୍ୟପୂର୍ଣ୍ଣ କରିବା କଥା କୁହାଯାଇଛି

ପରିବର୍ତ୍ତିତ ପରିସ୍ଥିତି ସହ ସାମଞ୍ଜସ୍ୟପୂର୍ଣ୍ଣ କରିବା ସହିତ ଅନ୍ୟ ଯେଉଁସବୁ ପୁରୁଣା ଯୁକ୍ତି ବର୍ତ୍ତମାନ ସରକାର ଦେଉଛନ୍ତି, ତା'ପଛରେ ଥିବା ଅସଲ କଥାଟି ବୁଝିବାକୁ ହେବ। ପରିବର୍ତ୍ତିତ ପରିସ୍ଥିତିରେ ପ୍ରଚଳିତ ୨୯ଟି କେନ୍ଦ୍ରୀୟ ଶ୍ରମ ଆଇନକୁ ଶ୍ରମିକମାନଙ୍କ ସ୍ୱାର୍ଥରେ ସଂଶୋଧନ କରି ଆହୁରି ଉନ୍ନତ କରିବା ଗୋଟିଏ କଥା, ପରିବର୍ତ୍ତନ ନାଁରେ ମାଲିକଶ୍ରେଣୀ ପୁଞ୍ଜିପତିମାନଙ୍କ ସ୍ୱାର୍ଥରେ ପ୍ରଚଳିତ କେନ୍ଦ୍ରୀୟ ଶ୍ରମଆଇନଗୁଡିକୁ ସରଳୀକରଣ ଆଳରେ ସଂପୂର୍ଣ୍ଣ ବାତିଲ କରିଦେଇ ମାଲିକମାନଙ୍କ ହାତରେ ଲାଭ ଲୁଣ୍ଠନର କ୍ଷମତାକୁ ଆହୁରି ବୃଦ୍ଧି ଓ ଶକ୍ତିଶାଳୀ କରିବା ତଥା ଶ୍ରମିକମାନଙ୍କର ସମସ୍ତ କଷ୍ଟାର୍ଜିତ ଅଧିକାର ଗୁଡିକୁ ହରଣ କରିବା, ବଂଚିବାର ସର୍ବନିମ୍ନ ନିଶ୍ଚୟତାକୁ ଧ୍ୱଂସ କରିବା ଅଲଗା କଥା। ପ୍ରକୃତ କଥା ହେଲା, ଭାରତର ଶାସକ ପୁଞ୍ଜିପତିଶ୍ରେଣୀ ବହୁପୂର୍ବରୁ ହିଁ ସାମ୍ରାଜ୍ୟବାଦୀ ଚରିତ୍ର ଅର୍ଜନ କରିସାରିଛି। ବର୍ତ୍ତମାନ ସେ ବିଶ୍ୱର ଚତୁର୍ଥ ଆର୍ଥିକ ମହାଶକ୍ତି ଭାବେ ନିଜକୁ ଦାବି କରୁଛି। ବିଶ୍ୱ ବଜାରରେ ଆମେରିକା, ଚୀନ, ଋଷିଆ ପରେ ସେ ଚତୁର୍ଥ ଶକ୍ତିଶାଳୀ ପ୍ରତିଯୋଗୀଭାବେ ଉଭା ହୋଇଛି। ନବେ ଦଶକରେ ପ୍ରଣୀତ ହୋଇଥିବା ଜଗତୀକରଣ ଅର୍ଥନୀତି ମଧ ସେହି ଜାତୀୟ ଆନ୍ତର୍ଜାତୀୟ ପରିସ୍ଥିତିର ପୃଷ୍ଠଭୂମିରେ ଆସିଥିଲା। ସେହି ଧାରାବାହିକତାରେ ଦେଶର ଶାସକ ପୁଞ୍ଜିପତି-ସାମ୍ରାଜ୍ୟବାଦୀ ଶ୍ରେଣୀ ସ୍ୱାର୍ଥରେ ବର୍ତ୍ତମାନର ପରିସ୍ଥିତି ସହିତ ଖାପଖୁଆଇ ଶ୍ରମନୀତିରେ ପରିବର୍ତ୍ତନ ଆଣିବା ଆବଶ୍ୟକ ହୋଇପଡିଛି। ଯଦ୍ୱାରା କି ମାଲିକମାନେ ଅଧିକରୁ ଅଧିକ ଲାଭ ଲୁଣ୍ଠନ କରି ବିଶ୍ୱ ବଜାରରେ ଶକ୍ତିଶାଳୀ ପ୍ରତିଯୋଗୀଭାବେ ନିଜର ସ୍ଥିତିକୁ ସୁଦୃଢ କରିପାରିବେ।

**ସଂକ୍ଷେପରେ ଶ୍ରମକୋଡର ବିଭିନ୍ନ ଦିଗ :**

୧- ପ୍ରଚଳିତ ୪ଟି ଶ୍ରମ ଆଇନକୁ ବାତିଲକରି ମଜୁରି କୋଡ-୨୦୧୯

୨- ୩ଟି ଶ୍ରମ ଆଇନକୁ ବାତିଲ କରି ଶିଳ୍ପ ସଂପର୍କ କୋଡ-୨୦୨୦

୩- ୧୩ଟି ଶ୍ରମ ଆଇନକୁ ବାତିଲ କରି ପେଶାଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ପରିବେଶ ସଂପର୍କିତ କୋଡ-୨୦୨୦

### ମଜୁରି କୋଡରେ ଥିବା ସର୍ବନିମ୍ନ ମଜୁରି ପ୍ରସଙ୍ଗ

ଏହି ସର୍ବନିମ୍ନ ମଜୁରି ହେଲା ସେତିକି ମଜୁରି ଯାହା ନପାଇଲେ ଜଣେ ଶ୍ରମିକ ଜନ୍ତୁ ଜାନୁଆର ଭଳି ହେଲେ ବି ବଂଚିକି ଧକେଇ ଧକେଇ ହେଉପଛେ ତା ପରଦିନ କାମ କରିବାକୁ ଆସିପାରିବ। ଏହାପରେ ଅଛି ଫେୟାର ୱେଜ। ଏହି ୱେଜ୍ ବା ମଜୁରି ହେଲା ଖାଲି ଶ୍ରମିକ ନୁହେଁ ତା'ର ପରିବାରବର୍ଗ ବଂଚିଲା ଭଳି କିଛିଟା ପାଇବ। ଏହାପରେ ଅଛି ଲିଭିଂ ୱେଜ୍। ଅର୍ଥାତ୍ ଖାଲି ବଂଚିବା ପାଇଁ ନୁହେଁ, ମଣିଷ ଭଳି ବଂଚିବା ପାଇଁ ନିଜର ଶ୍ରମ ଶକ୍ତି ଓ ବୌଦ୍ଧିକ ଶକ୍ତି ବିକାଶ ପାଇଁ ପ୍ରୟୋଜନ କିଛିଟା ଶିକ୍ଷା, ସ୍ୱାସ୍ଥ୍ୟ ପାଇପାରିଲା ଭଳି ମଜୁରି ସେ ପାଇବ। ଏହାପରେ ଅଛି ନିଡ୍ ବେସ୍‌ଡ ୱେଜ୍ ଅର୍ଥାତ୍ ଶ୍ରମିକ ତାର ସର୍ବାଙ୍ଗିନ ଉନ୍ନତି ନିମନ୍ତେ ପ୍ରୟୋଜନ ଭିତ୍ତିକ ମଜୁରି ପାଇବ ଯାହା ଏକ ସମାଜତାନ୍ତ୍ରିକ ଦେଶରେ ହିଁ ସମ୍ଭବ। ତେବେ ଦେଶ ସ୍ୱାଧୀନତାର ୭୮ବର୍ଷ ପରେ ବି ଆମେ ସେହି ସର୍ବନିମ୍ନ ମଜୁରି ସ୍ତର ଉପରକୁ ଉଠିପାରୁ ନାହୁଁ। ୧୯୫୭ ମସିହାରେ ସିମଳାଠାରେ ଅନୁଷ୍ଠିତ ପଞ୍ଚଦଶ ତ୍ରିପାକ୍ଷିକ ଭାରତୀୟ ଶ୍ରମ ସମ୍ମିଳନୀରେ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ ନିମନ୍ତେ ଏକ ମାପକାଠି ସ୍ଥିର ହୋଇଥିଲା। ଏହି ସମ୍ମିଳନୀ ପିତା, ମାତା ଓ ତାଙ୍କର ଦୁଇ ଶିଶୁ ସନ୍ତାନକୁ ଜଣେ ସାବାଳକ ଭାବେ ଗ୍ରହଣ କରି ଗୋଟିଏ ୩ ଜଣିଆ ସଭ୍ୟଭୁକ୍ତ ପରିବାରରୁ ଏକ କନଜମ୍ପସନ୍ ୟୁନିଟ ଭାବେ ଗ୍ରହଣ କରିଥିଲା ଯାହାକୁ ନେଇ ମଧ ଆପତ୍ତି ଉଠିଥିଲା। ଏହି ପରିବାର ମୁଣ୍ଡପିଛା ପ୍ରତିଦିନ ୨୭୦୦ କ୍ୟାଲୋରି ଯୁକ୍ତ ଖାଦ୍ୟ, ବର୍ଷକୁ ୭୨ ଗଜ କପଡାର ଲୁଗାପଟା ଓ ଘର ଭଡା ପାଇଁ ଏକ ହାରାହାରି ଖର୍ଚ୍ଚ ମିଶାଇ ଯେଉଁ ବ୍ୟୟ ଅଟକଳ ହେବ, ତା'ର ୨୦ପ୍ରତିଶତ ବିଦ୍ୟୁତ ଓ ତେଲ ଖର୍ଚ୍ଚ ପାଇଁ ଏଥିରେ ଯୁକ୍ତ ହେବ। ଏହି ସମୁଦାୟ ଅର୍ଥ ହେବ ଦୈନିକ ସର୍ବନିମ୍ନ ମଜୁରି। ସରକାର ଏହାକୁ ଗ୍ରହଣ କରିଥିଲେ ମଧ ଅଦ୍ୟାବଧି କାର୍ଯ୍ୟକାରୀ କରିନାହାନ୍ତି। ୧୯୯୧ ମସିହାରେ ସୁପ୍ରିମକୋର୍ଟ ଏ ସଂକ୍ରାନ୍ତିୟ ଏକ ରାୟରେ ଏହି ପରିମାଣକୁ ବୃଦ୍ଧି କରି ଉପରୋକ୍ତ ପରିମାଣର ମଜୁରି ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ବିବାହ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇଁ ଏହାର ଆଉ ୨୫ ପ୍ରତିଶତ ଯୁକ୍ତ କରି ସର୍ବନିମ୍ନ ମଜୁରି ବାବଦକୁ ଦେବାକୁ ପଡିବ ବୋଲି କହିଥିଲେ। ଏହାକୁ ମଧ ସମସ୍ତ ସରକାର ଗ୍ରହଣ କରିଥିଲେ ବି କାର୍ଯ୍ୟକାରୀ କରିନାହାନ୍ତି। ସର୍ବନିମ୍ନ ମଜୁରି ଆଇନ-୧୯୪୮ କହୁଛି ରାଜ୍ୟ ଓ କେନ୍ଦ୍ର ସରକାର ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ସମସ୍ତ ମାଲିକମାନେ ଶ୍ରମିକମାନଙ୍କୁ ଦେବାକୁ ବାଧ। ମାତ୍ର ଆଇନ ଆଇନ ବାଟେ ରହିଗଲା। କାର୍ଯ୍ୟକାରୀ ହେବାର ନାଁ ଗନ୍ଧ ନାହିଁ। ଏହି ଶ୍ରମକୋଡ୍‌ରେ ଏସବୁର କୌଣସି ଉଲ୍ଲେଖ ନାହିଁ। ବରଂ ଖୁବ୍ ବଢେଇ ଚଢେଇ ନେସନାଲ ଲେଭେଲ ଫ୍ଲୋର ୱେଜ୍ ନାମରେ ଏକ ନୂଆ କଥା କୁହାଯାଉଛି ଏବଂ ସର୍ବନିମ୍ନ ମଜୁରି ଏହି ଫ୍ଲୋର ୱେଜରୁ କମ ହେବ ନାହିଁ ବୋଲି ଖୁବ ଦାମ୍ଭିକତାର ସହ ମଧ କୁହାଯାଉଛି। ଏହି ଫ୍ଲୋର ୱେଜ ବା ମଜୁରି ଦୈନିକ କେତେ? ମାତ୍ର ୧୭୮ ଟଙ୍କା। ଅର୍ଥାତ୍ ଜଣେ ଶ୍ରମିକ ମାସକୁ ୨୬ ଦିନ ଯଦି କାମ ପାଏ ତେବେ ୪ହଜାର ୬୨୮ ଟଙ୍କା ପାଇବ। ବର୍ତ୍ତମାନର ଏହି ମହରଗ ଦୁନିଆରେ ଶ୍ରମିକମାନଙ୍କ ପାଇଁ ଏହାକୁ ବଡ ନିଷ୍ଠୁର ଉପହାସ ଛଡା ଆଉ କଣ ବା କୁହାଯାଇପାରେ। ପୁଣି କାମ ଯେ ମିଳିବ ତା'ର ବି ନିଶ୍ଚୟତା ନାହିଁ, କାମ କେତେବେଳେ ଯେ ଚାଲିଯିବ ତା' ବି କହିହେବ ନାହିଁ। କାହିଁଗଲା ସର୍ବନିମ୍ନ ମଜୁରି ନେଇ ସିମଳା ମାପକାଠି, ୧୯୪୮ ଆଇନ ଓ ସମ୍ବିଧାନର ଡିରେକ୍ଟିଭ ପ୍ରିନ୍ସିପଲ? ଏହି ସାମାନ୍ୟ ମଜୁରିକୁ ଖୁବ ବଡ କରି ଦେଖାଯାଉଛି। ବିକଶିତ ଭାରତ, ଅମୃତକାଳ, ଚତୁର୍ଥ ଅର୍ଥନୈତିକ ମହାଶକ୍ତି, ବିଶ୍ୱଗୁରୁ ଭଳି ଚମକପ୍ରଦ କଥା ପ୍ରତିଦିନ ଶୁଣାଯାଉଛି। ହେଲେ ସର୍ବନିମ୍ନ ମଜୁରି ସ୍ତରରେ ହିଁ ଆମେ ରହିଛୁ ଏବଂ ତାହାକୁ ନେଇ ଏତେକଥା ଚାଲିଛି। ପରବର୍ତ୍ତୀ ସ୍ତର କଥା ପଚାରେ କିଏ? ଏହା ହିଁ ବିକାଶର ଅସଲ ଚିତ୍ର।

### ସ୍ଥାୟୀ କାମର ଧାରଣା ସଂପୂର୍ଣ୍ଣ ବିଲୋପ

ଶିଳ୍ପ ସଂପର୍କ କୋର୍ଡ-୨୦୨୦ରେ ସ୍ଥାୟୀ କାମରେ ସ୍ଥାୟୀ ନିଯୁକ୍ତିର ଧାରଣାକୁ ସଂପୂର୍ଣ୍ଣ ବିଲୋପ କରିବା ଓ ଶ୍ରମିକମାନଙ୍କର ଥିବା ସର୍ବନିମ୍ନ ଅଧିକାର ଗୁଡିକୁ ସଂପୂର୍ଣ୍ଣ ହରଣ କରିବା ପାଇଁ ଧାରା ସବୁ ରହିଛି। ସ୍ଥାୟୀ କାମର ଧାରଣାକୁ ସଂପୂର୍ଣ୍ଣ ବିଲୋପ କରିବା ପାଇଁ ଫିକ୍ସଡ୍ ଟର୍ମ ଏମ୍ପ୍ଲୟମେଣ୍ଟର କଥା କୁହାଯାଇଛି। ଏହାର ଅର୍ଥ ହେଲା, ମାସେ ଦୁଇ ମାସେ, ବର୍ଷେ ଦୁଇବର୍ଷ ଏକ ନିର୍ଦ୍ଧାରିତ(ଫିକ୍ସଡ୍) ସମୟ ପାଇଁ କାମ କର। କାମର କୌଣସି ସ୍ଥାୟୀତ୍ୱ ନାହିଁ। ଏହା ହିଁ ୟୁଜ୍ ଆଣ୍ଡ ଥ୍ରୋ ପଲିସି ବା ଶ୍ରମିକମାନଙ୍କୁ ବ୍ୟବହାର କରି ସେମାନଙ୍କର ରକ୍ତ ଶୋଷିନେଇ ସେମାନଙ୍କୁ ଫୋପାଡି ଦିଅ। ଏହା ହିଁ ହେଲା ହାୟର ଆଣ୍ଡ ଫାୟର ପଲିସି। ଆଜି ଭାରତର ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀ ଶାସକ ଶ୍ରେଣୀର ପ୍ରୟୋଜନ କେତେ କମ୍ ଶ୍ରମିକ ଦ୍ୱାରା କେତେ କମ ସମୟ ମଧରେ କେତେ ବେଶି କାମ ଉଠାଇ କେତେ ବେଶି ଲାଭ ଲୁଟା ଯାଇପାରେ, ସେଥିପାଇଁ ଏହି ନୀତି। ପୁଣି ଦୈନିକ ଶ୍ରମ ସମୟ ୮ଘଣ୍ଟାରୁ ୧୨ଘଣ୍ଟା କୁହାଯାଇଛି। ତେବେ ଶାସକ ଶ୍ରେଣୀର ପ୍ରବକ୍ତାମାନେ ଶ୍ରମିକମାନଙ୍କୁ ସପ୍ତାହକୁ ୧୨୦ଘଣ୍ଟା, ୧୪୦ ଘଣ୍ଟା କାମ କରି ଉତ୍ପାଦନ ବଢାଇ ଦେଶର ବିକାଶର ଧାରାକୁ ଆଗେଇ ନେବାକୁ ମଝିରେ ମଝିରେ ପ୍ରବଚନ ଦିଅନ୍ତି। ଆଜି ତ ବାସ୍ତବରେ ୮ଘଣ୍ଟା କି ୧୨ଘଣ୍ଟା ନୁହେଁ, ଗଧ ଘୁଷୁରି ଭଳି ମାଲିକ ସ୍ୱାର୍ଥରେ ଶ୍ରମିକମାନଙ୍କୁ ଖଟା ଯାଉଛି।

ଗିଗ୍ ୱାର୍କର ଓ ବିଭିନ୍ନ ଅନ୍‌ଲାଇନ୍ ଓ ଆପ୍ ମାଧମରେ କାମ କରୁଥିବା ପ୍ଲାଟ୍‌ଫର୍ମ ୱାର୍କରମାନଙ୍କୁ ଆଇନଗତ ମାନ୍ୟତା ମିଳିବା ଓ ଗ୍ରାଚ୍ୟୁଇଟି ସହ କିଛି ସୁବିଧା ଦେବା କଥା କହି ଖୁବ୍ ତୁମ୍ବି ତୋଫାନ ଚାଲୁଛି। କିଛି ବିଭ୍ରାନ୍ତ ହୋଇ ଏହାର ବାଃ ବାଃ ମଧ କରୁଛନ୍ତି। ଏହାରି ଆଢୁଆଳରେ ଯେ ସ୍ଥାୟୀ କାମର ଧାରଣା ସଂପୂର୍ଣ୍ଣ ଉଠାଇ ଦିଆଯାଇଛି, ତା' ଅନେକ ଧରି ପାରୁନାହାନ୍ତି ବା ଧରିପାରି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ସ୍ଥାୟୀ କାମ ଛାଡନ୍ତୁ ଏପରିକି ଠିକା ଶ୍ରମିକ ବି ଉଠିଯାଇପାରେ। ଗିଗ୍ ଓ ପ୍ଲାଟ୍‌ଫର୍ମ ଶ୍ରମିକଙ୍କ କାମ ସଂପୂର୍ଣ୍ଣ ଅନିଶ୍ଚିତ। ଏହି ଶ୍ରମିକମାନଙ୍କର କିଏ ନିଯୁକ୍ତି ଦାତା, କେଉଁଠି ସେମାନେ ରୁହନ୍ତି କିଛି ସେମାନଙ୍କୁ ଜଣା ନାହିଁ। ଏମାନେ ବସ୍ତୁତଃ ସେଲଫ୍ ଏମ୍ପ୍ଲୟଡ୍ ୱାର୍କର(ସ୍ୱନିଯୁକ୍ତ ଶ୍ରମିକ। ଏଠି ମାଲିକ-ଶ୍ରମିକ(ଏମ୍ପ୍ଲୟର-ଏମ୍ପ୍ଲୟି) ବିବାଦ ଓ ସେଥିରୁ ଶ୍ରମିକମାନଙ୍କର କିଛି ସୁବିଧା ଆଦାୟ କରିବାର କୌଣସି ଅବକାଶ ନାହିଁ।

### ଧର୍ମଘଟ ହେବ ବେଆଇନ୍

ଏହି କୋଡର ଆଉ ଏକ ଧାରାରେ ଶ୍ରମିକମାନଙ୍କ ପ୍ରତିବାଦ କରିବା, ଧର୍ମଘଟ କରିବାର ଅଧିକାରକୁ କାଢି ନିଆଯାଇଛି। ମାଲିକର ସମସ୍ତ ଅତ୍ୟାଚାରକୁ ମଥାପାତି ସହିବାକୁ ପଡିବ, ନଚେତ ଗଳାଧକ୍କା ଖାଇ ବିଦା ହେବାକୁ ପଡିବ। ତା'ର ବି ବ୍ୟବସ୍ଥା ଏହି କୋଡରେ କରାଯାଇଛି। ପୂର୍ବରୁ କେବଳ ଅତ୍ୟାବଶ୍ୟକୀୟ ସେବା କ୍ଷେତ୍ରରେ ଧର୍ମଘଟ କରିବାର ୧୪ଦିନ ପୂର୍ବରୁ ନୋଟିସ ଦେବାକୁ ପଡୁଥିଲା। ଅନ୍ୟ କ୍ଷେତ୍ରରେ ଏହି ନୋଟିସ ଦେବାର କୌଣସି ଆଇନଗତ ବାଧ ବାଧକତା ନଥିଲା। ନୂତନ ଆଇନରେ କିନ୍ତୁ ସମସ୍ତ କ୍ଷେତ୍ରରେ ଧର୍ମଘଟର ୧୪ଦିନ ପୂର୍ବରୁ ନୋଟିସ ଦେବାକୁ ପଡିବ। ପୁଣି ବିବାଦୀୟ ବିଷୟରେ ସରକାରଙ୍କ ଶ୍ରମ ଦପ୍ତରରେ ଯେତେଦିନ ଆଲୋଚନା ଚାଲୁଥିବ ସେତେଦିନ ଧର୍ମଘଟ ହୋଇପାରିବ ନାହିଁ। ଯଦି ହୁଏ ତା' ହେବ ବେଆଇନ ଓ ଶ୍ରମିକମାନେ ଏଥିପାଇଁ ଦଣ୍ଡିତ ହେବେ। କି ପ୍ରକାର ଷଡଯନ୍ତ୍ର ଦେଖନ୍ତୁ? ଆଲୋଚନା ସରିବନି ଆଉ ଧର୍ମଘଟ ଗଡାଇ ଗଡାଇ ଶେଷରେ ଏହାକୁ ବନ୍ଦ କରାଯିବ। ପୂର୍ବରୁ ବନ୍ଦ ବେଆଇନ ଥିଲା, ବର୍ତ୍ତମାନ ଧର୍ମଘଟକୁ ବି ବେଆଇନ୍ କରାଯିବ।

ମନଇଚ୍ଛା ଛଟେଇ ଓ ତାଲାବନ୍ଦ ଆଇନଗତ ହେବ। ପୂର୍ବରୁ ଥିଲା, ୧୦୦ କିମ୍ବା ତା'ଠାରୁ ଅଧିକ ଶ୍ରମିକ କାମ କରୁଥିବା କାରଖାନା, ଖଣି ବା ପ୍ରତିଷ୍ଠାନ ଗୁଡିକରେ ଶ୍ରମିକ ଛଟେଇ, ଅସ୍ଥାୟୀ ବା ସ୍ଥାୟୀଭାବେ(ଲେ ଅଫ୍, ଲକ ଆଉଟ୍) କାରଖାନା ବନ୍ଦ କରିବାକୁ ହେଲେ ମାଲିକକୁ ଉପଯୁକ୍ତ କର୍ତ୍ତୃପକ୍ଷ ଅର୍ଥାତ୍ ରାଜ୍ୟର ହେଲେ ରାଜ୍ୟ ସରକାର ବା କେନ୍ଦ୍ରର ହେଲେ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିବାକୁ ହେବ। ସେ ସଂପର୍କରେ ଶୁଣାଣି ହେବ। ମାଲିକ ତାର ଏହି ନୀତିକୁ ଯୁକ୍ତି ଯୁକ୍ତ ପ୍ରମାଣିତ କରିବାକୁ ହେବ, ନଚେତ ନୀତି ପ୍ରତ୍ୟାହାର କରିବାକୁ ହେବ। ଶ୍ରମିକମାନଙ୍କ ହାତରେ ନିଜର ଚାକିରୀ ବଂଚାଇବା ପାଇଁ କିଛିଟା ହେଲେ ବି ସୁଯୋଗ ଥିଲା। ପ୍ରସଙ୍ଗତଃ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ଅତିରିକ୍ତ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଉଦ୍ୟୋଗ ଓ ସରକାରୀ କ୍ଷେତ୍ର ଗୁଡ଼ିକୁ ଘରୋଇକରଣ କରିବାର ପ୍ରକ୍ରିୟା ଆରମ୍ଭ କଲେ। ୧୯୯୬ ମସିହାରେ ତତ୍କାଳୀନ ରାଜ୍ୟ କଂଗ୍ରେସ ସରକାର ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ପରିଷଦ (Odisha State Electricity Board-OSEB)କୁ ଭାଙ୍ଗି ବିଦ୍ୟୁତ୍ କ୍ଷେତ୍ରକୁ ଘରୋଇକରଣ କରିବାର ପ୍ରକ୍ରିୟା ଆରମ୍ଭ କଲେ। ଓଡ଼ିଶା ରାଜ୍ୟ ବିଦ୍ୟୁତ ବଂଟନ ବ୍ୟବସ୍ଥାକୁ ସେସ୍କୋ, ନେସ୍କୋ , ସାଉଥକୋ ଓ ଓ୍ୱେସ୍କୋ ନାମରେ ୪ ଭାଗରେ ବିଭକ୍ତ କରି ଦେଲେ ଏବଂ ବିଭିନ୍ନ ଦେଶୀ ବିଦେଶୀ ଘରୋଇ କଂପାନୀଙ୍କ ହାତରେ ଟେକି ଦେଲେ। ସେହି ସମୟରୁ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ଶୋଷଣର ଜାଲ ବିଛାଇବା କାର୍ଯ୍ୟ ତ୍ୱରାନ୍ୱିତ ହୋଇ ଚାଲିଲା। ପରବର୍ତ୍ତୀ କାଳରେ ରାଜ୍ୟରେ ୯ବର୍ଷର ବିଜେଡି-ବିଜେପି ମିଳିତ ସରକାର ଓ ୧୬ବର୍ଷର ଏକକ ବିଜେଡି ସରକାର ଅମଳରେ ସେହି ଧାରା ଆହୁରି ତୀବ୍ରତର ହେଲା ଏବଂ ବର୍ତ୍ତମାନର ରାଜ୍ୟ ବିଜେପି ସରକାରରେ ଏହା ସୀମା ଟପି ଯାଇଛି।

ଏଠାରେ ସ୍ମରଣ କରେଇ ଦେବାକୁ ପଡୁଛି ଯେ ଦେଶର ଜନଗଣଙ୍କ ଅର୍ଥରେ ଦେଶ ସାରା ବିଦ୍ୟୁତ୍ ସରବରାହ(Transmission) ପାଇଁ ପାଓ୍ୱାର ଗ୍ରୀଡ ଓ ବଂଟନ (Distribution) ର ଭିତ୍ତିଭୂମି (Infrastructure) ନିର୍ମାଣ ହୋଇ ସାରିବା ପରେ ଘରୋଇ କଂପାନୀମାନେ ଅଧିକ ଲାଭ ଅର୍ଜନ ଉଦ୍ଦେଶ୍ୟରେ ବିଦ୍ୟୁତ୍ କ୍ଷେତ୍ରରେ ପ୍ରବେଶ କରିବାକୁ ଚାହିଁବା ଯୋଗୁଁ ସରକାର ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି। ବିଦ୍ୟୁତ୍ କ୍ଷେତ୍ରରେ ଏକଚାଟିଆ ଘରୋଇ କଂପାନୀଗୁଡ଼ିକର ପ୍ରଭୁତ୍ୱ ଜାହିର ନିମନ୍ତେ ବିଜେଡି ସମର୍ଥିତ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ବିଜେପି ପରିଚାଳିତ କେନ୍ଦ୍ରର ଏନଡିଏ ସରକାର ବିଦ୍ୟୁତ୍ ଆଇନ ୧୯୪୮କୁ ଉଚ୍ଛେଦ କରି ବିଦ୍ୟୁତ୍ ଆଇନ ୨୦୦୩ ପ୍ରଣୟନ କରିଥିଲେ। ଏହି ବିଦ୍ୟୁତ୍ ଆଇନ ୨୦୦୩ରେ ସୁରକ୍ଷା ଜମା ରାଶି ଆକଳନ କରାଯାଇଥିବା ଦୁଇ ମାସର ବ୍ୟବହାର ବିଦ୍ୟୁତ୍ ପରିମାଣକୁ ନେଇ ପୈଠ ସହିତ ଅତିରିକ୍ତ ସୁରକ୍ଷା ଜମା ପୈଠ କରିବାର ପ୍ରାବଧାନ ରହିଛି। ବାସ୍ତବରେ ଏହି ବିଦ୍ୟୁତ୍ ଆଇନ ୨୦୦୩ ମାଧ୍ୟମରେ ଘରୋଇ ବିଦ୍ୟୁତ୍ ବଂଟନ କଂପାନୀମାନେ ବିଦ୍ୟୁତ୍ ଉପଭୋକ୍ତାଙ୍କୁ କିଭଳି ଅଧିକରୁ ଅଧିକ ଶୋଷଣ କରିବେ ତା ପାଇଁ ଆଇନଗତ ସ୍ୱୀକୃତି ଦିଆଯାଇଛି। ଏହି ଆଇନ ମୁତାବକ ଓଡ଼ିଶା ରାଜ୍ୟ ସରକାର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (Odisha Electricity Regulatory Commission-OERC)କୁ ଏକ ଅର୍ଦ୍ଧ ନ୍ୟାୟିକ ସ୍ୱତନ୍ତ୍ର ସଂସ୍ଥା (Quasi Judicial Independent Body) ଭାବେ ଗଠନ କରି ବିଦ୍ୟୁତ୍ କ୍ଷେତ୍ରରେ ଗାଇଡଲାଇନ୍ ପ୍ରସ୍ତୁତ କରିବାର ବ୍ୟବସ୍ଥା କରିଛନ୍ତି। ସରକାର ଜନସାଧାରଣଙ୍କ ସମ୍ମୁଖରେ ଏହି ଓଇଆରସି(OERC) ବିଦ୍ୟୁତ୍ ଉପଭୋକ୍ତାଙ୍କ ସ୍ୱାର୍ଥ ରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରୁଛି ବୋଲି ବହୁ ପ୍ରଚାର କରୁଛନ୍ତି। କିନ୍ତୁ ବାସ୍ତବରେ ଓଇଆରସି ବିଦ୍ୟୁତ ବଂଟନ କଂପାନୀମାନଙ୍କ ସ୍ୱାର୍ଥରେ ବିଶେଷ କରି ଘରୋଇ ବିଦ୍ୟୁତ କଂପାନୀ ଟାଟା ପାଓ୍ୱାର ସ୍ୱାର୍ଥରେ ପଦକ୍ଷେପ ଗ୍ରହଣ କରି ଆସୁଛି। ୨୦୨୫ ମସିହାରେ ଓଇଆରସି(OERC) ଦ୍ୱାରା ପ୍ରସ୍ତୁତ ବିଦ୍ୟୁତ୍ ଯୋଗାଣ ସଂହିତା (Electric Supply Code) ର ଧାରା ୫୪ରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ଠାରୁ ଅତିରିକ୍ତ ସୁରକ୍ଷା ଜମା (Additional Security Deposit) ଆଦାୟ କରିବାକୁ ଉଲ୍ଲେଖ କରିଛନ୍ତି। ଏହାର ଧାରା ୫୫ରେ ଉଲ୍ଲେଖ କରିଛନ୍ତି ଯେ ଅତିରିକ୍ତ ସୁରକ୍ଷା ଜମା ପୈଠ କରିବା ପାଇଁ ବିଦ୍ୟୁତ୍ ବିଲ୍ ମାଧ୍ୟମରେ ନୋଟିସ୍ ପାଇବାର ୩୦ ଦିନ ମଧ୍ୟରେ ବିଦ୍ୟୁତ୍ ଉପଭୋକ୍ତା ଏହାକୁ ପୈଠ କରିବେ, ଅନ୍ୟଥା ବିଦ୍ୟୁତ୍ ବଂଟନ କଂପାନୀ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବେ। ପୁଣି ଏହି ଧାରାରେ ରହିଛି ଯେ ଯଦି ବିଦ୍ୟୁତ୍ ଉପଭୋକ୍ତା ବିଳମ୍ବରେ ଅତିରିକ୍ତ ସୁରକ୍ଷା ଜମାକୁ ପୈଠ କରିବାକୁ ଚାହିଁବେ ତେବେ ବାର୍ଷିକ ଶତକଡା ୧୫ ହାରରେ ସୁଧ ସହିତ ବା ଓଇଆରସି(OERC)ନିର୍ଦ୍ଧାରିତ ହାରରେ ସୁଧ ସହିତ ପୈଠ କରିବାକୁ ହେବ।

ଉପରୋକ୍ତ ବିଷୟ ଗୁଡ଼ିକରୁ ପରିଷ୍କାର ଭାବେ ଜଣାଯାଉଛି ଯେ ବିଦ୍ୟୁତ୍ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଅଣଦେଖା କରି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (OERC) ଘରୋଇ ବିଦ୍ୟୁତ ବଂଟନ କଂପାନୀ ଟାଟା ପାଓ୍ୱାର ସ୍ୱାର୍ଥରେ ଏହି ଅତିରିକ୍ତ ସୁରକ୍ଷା ଜମା(Additional Security Deposit) ଆଦାୟ କରିବାର ନିଷ୍ପତ୍ତି ଗ୍ରହଣ କରିଛି। ଘରୋଇ ଏକଚାଟିଆ କଂପାନୀମାନଙ୍କ ସ୍ୱାର୍ଥ ରକ୍ଷା କରି ଆସୁଥିବା କେନ୍ଦ୍ର ଓ ରାଜ୍ୟ ସରକାର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ କରିବା ପାଇଁ ଏହି ଭଳି ଜନବିରୋଧୀ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଦ୍ୟୁତ୍ ଉପଭୋକ୍ତାମାନେ ଦୀର୍ଘସ୍ଥାୟୀ ଐକ୍ୟବଦ୍ଧ ଆନ୍ଦୋଳନ ସଂଗଠିତ କରି ଘରୋଇ ବିଦ୍ୟୁତ୍ ବଂଟନ କଂପାନୀ, ସରକାର ଓ ଓଇଆରସିର ଏହି ଜନବିରୋଧୀ ପଦକ୍ଷେପକୁ ପ୍ରତିହତ କରିବା ଆବଶ୍ୟକ। ★★

# ବିଭିନ୍ନ ସ୍ଥାନରେ କମ୍ରେଡ୍ ବୀଣାପାଣି ଦାସଙ୍କ ସ୍ମରଣ ସଭା










ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ପ୍ରୟାତ ରାଜ୍ୟ ସଂପାଦକ ମଣ୍ଡଳୀର ବରିଷ୍ଠ ସଦସ୍ୟା କମ୍ରେଡ ବୀଣାପାଣି ଦାସଙ୍କ ସ୍ମରଣ ସଭା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଯାଜପୁର ଟାଉନଠାରେ ପାର୍ଟିର ଜିଲ୍ଲା କମିଟି ସଂପାଦକ କମ୍ରେଡ୍ ସୁରେନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଗତ ୧୮ତାରିଖ ଦିନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ବିଷ୍ଣୁ ଦାସ ଯୋଗ ଦେଇଥିଲେ। ଜାନୁୟାରୀ ୧୧ତାରିଖ ଦିନ ଭଣ୍ଡାରିପୋଖରୀ ବ୍ଲକର ମିଟୁଆଣି ସ୍ଥିତ ପାର୍ଟି କାର୍ଯ୍ୟାଳୟଠାରେ ଭଦ୍ରକ ଜିଲ୍ଲା ସାଂଗଠନିକ କମିଟି ସଂପାଦକ କମ୍ରେଡ୍ ରମେଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମରଣ ସଭାରେ ମୁଖ୍ୟବକ୍ତା ଭାବେ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ସଦାଶିବ ଦାସ ଯୋଗ ଦେଇଥିଲେ।

ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ଜାନୁଆରୀ ୧୮ତାରିଖ ଦିନ ଯଶିପୁରଠାରେ ସଂଗଠନର ପ୍ରଥମ ରାଜ୍ୟ ସଭାନେତ୍ରୀ ତଥା ସର୍ବଭାରତୀୟ ଉପସଭାନେତ୍ରୀ କମ୍ରେଡ ବୀଣାପାଣି ଦାସଙ୍କ ସ୍ମରଣ ସଭା ସଂଗଠନର ମୟୂରଭଞ୍ଜ ଜିଲ୍ଲା ସଭାନେତ୍ରୀ କମ୍ରେଡ୍ ତପସ୍ୱିନୀ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତାଭାବେ ରାଜ୍ୟ ସଭାନେତ୍ରୀ କମ୍ରେଡ୍ ସ୍ୱୟଂପ୍ରଭା ନାୟକ ଯୋଗ ଦେଇଥିଲେ। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ମୟୂରଭଞ୍ଜ ଜିଲ୍ଲା କମିଟି ସଂପାଦକ କେମ୍ରେଡ ସାଦଚରଣ ବଦ୍ରା, ତଥା ଏଆଇଏମ୍‌ଏସ୍‌ଏସ୍ ଜିଲ୍ଲା ସଂପାଦିକା କମ୍ରେଡ୍ ଦ୍ରୌପଦୀ ମହାନ୍ତ ବକ୍ତବ୍ୟ ରଖିଥିଲେ।

## ଜନବିରୋଧୀ . . .

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

କୁହାଯାଇପାରେ, ଯାଜପୁର ରୋଡର ସାରୁଆବିଲ ମାଇନ୍ସର ଶ୍ରମିକମାନେ ମିଶ୍ରିଲାଲ କମ୍ପାନୀର ଲେ ଅଫ୍ ଓ ଛଟେଇ ନୋଟିସ ବିରୁଦ୍ଧରେ ଲଢ଼ି ଜୟଯୁକ୍ତ ହୋଇଥିଲେ। ମାତ୍ର ବର୍ତ୍ତମାନର ଏହି କୋଡରେ କୁହାଯାଇଛି, ୩୦୦ ବା ଏହାଠୁ ଅଧିକ ସଂଖ୍ୟାରେ ଶ୍ରମିକ କାମ କରୁଥିବା କାରଖାନା ବା ପ୍ରତିଷ୍ଠାନରେ ଏହି ନୀତି କାର୍ଯ୍ୟକାରୀ ହେବ। ବର୍ତ୍ତମାନର ବାସ୍ତବ ଚିତ୍ର କ'ଣ ? ଜଗତିକରଣ, ଉଦାରୀକରଣ ଅର୍ଥନୀତିରେ ବିଦାୟ ନୀତି ବା ଏକଜିଟ୍ ପଲିସି ଓ ଏହି ଧାରାରେ ଡାଉନ ସାଇଜିଂ ଯୋଗୁ ବ୍ୟାପକ ଶ୍ରମିକ ସଂକୋଚନ ଫଳରେ ଆଜି ଦେଶର ପ୍ରାୟ ୮୫ ପ୍ରତିଶତରୁ ଅଧିକ ଉଦ୍ୟୋଗରେ ୩୦୦ରୁ କମ ଶ୍ରମିକ କାମ କରୁଛନ୍ତି। ସୁତରାଂ ଅଧିକାଂଶ କ୍ଷେତ୍ରରେ ମନଇଚ୍ଛା ଛଟେଇ, କାରଖାନା, ଖଣି, ବିଭିନ୍ନ ପ୍ରତିଷ୍ଠାନ ଯେକୌଣସି ସମୟରେ ତାଲାବନ୍ଦ କରିଦେବା ପାଇଁ ମାଲିକମାନଙ୍କୁ ଅଖଣ୍ଡ ଆଇନଗତ ଅଧିକାର ଦିଆଗଲା ଓ ଶ୍ରମିକକୁ ଅନିଶ୍ଚିତତାର ଘୋର ଅନ୍ଧକାର ମଧ୍ୟକୁ ଠେଲି ଦିଆଗଲା।

ଆହୁରି ମଧ୍ୟ କୁହାଯାଇଛି, ୩୦୦ ବା ଏହାରୁ ଊର୍ଦ୍ଧ୍ୱ ଶ୍ରମିକ କାମ କରୁଥିବା ଉଦ୍ୟୋଗରେ 'ଷ୍ଟାଣ୍ଡିଂ' ଅର୍ଡର କାର୍ଯ୍ୟକାରୀ ହେବ। ପୂର୍ବରୁ ୧୦୦ ବା ଏହାଠାରୁ ଅଧିକ ଶ୍ରମିକ କାମ କରୁଥିବା ଉଦ୍ୟୋଗରେ 'ଷ୍ଟାଣ୍ଡିଂ' ଅର୍ଡର କାର୍ଯ୍ୟକାରୀ ହେବାର ବ୍ୟବସ୍ଥା ଥିଲା। 'ଷ୍ଟାଣ୍ଡିଂ' ଅର୍ଡର ହେଲା କୌଣସି ଶିଳ୍ପ ବା ପ୍ରତିଷ୍ଠାନରେ ଆଲୋଚନା ମଧ୍ୟ ଦେଇ ସ୍ଥିର ହୋଇଥିବା ମାଲିକ-ଶ୍ରମିକଙ୍କର ଆଚରଣ ବିଧି ଓ ଚାକିରୀ ସର୍ତ୍ତାବଳୀ ସଂକ୍ରାନ୍ତୀୟ କିଛି ବିଷୟ 'ଷ୍ଟାଣ୍ଡିଂ' ଅର୍ଡର ଭାବେ ଗୃହୀତ ହୋଇ କାର୍ଯ୍ୟକାରୀ କରିବାର ବ୍ୟବସ୍ଥା। ବର୍ତ୍ତମାନ ଏହି କୋଡ ଅନୁଯାୟୀ ପ୍ରାୟ ୮୫ପ୍ରତିଶତ ଶିଳ୍ପ ଓ ପ୍ରତିଷ୍ଠାନ ଗୁଡ଼ିକରେ ଏହି 'ଷ୍ଟାଣ୍ଡିଂ' ଅର୍ଡର ଆଉ ରହିବ ନାହିଁ। ଅର୍ଥାତ୍ ମାଲିକ ସ୍ୱାର୍ଥରେ ଶ୍ରମିକକୁ ବଳି ପକାଇବାର ଇଏ ମଧ୍ୟ ଆଉ ଏକ ମାରାତ୍ମକ ଷଡଯନ୍ତ୍ର।

ପେଶାଗତ ଓ ଅନ୍ୟାନ୍ୟ ସୁରକ୍ଷା କଥା କୁହାଯାଇଥିଲେ ବି ସବୁ କିଛି ଅସୁରକ୍ଷିତ। ଆଜି ମହିଳାମାନେ ସର୍ବକ୍ଷେତ୍ରରେ ଏପରିକି ନିଜର କର୍ମକ୍ଷେତ୍ରରେ କେତେ ଅସୁରକ୍ଷିତ ତା'ତ ସମସ୍ତେ ଖାଲି ଦେଖୁନାହାନ୍ତି ଅଙ୍ଗେ ନିଭାଇଛନ୍ତି। ଏହି ପରିସ୍ଥିତିରେ ମହିଳା ଶ୍ରମିକ ମାନଙ୍କୁ ରାତିରେ କାମ କରିବାକୁ ଅର୍ଥାତ୍ ନାଇଟ୍ ସିଫ୍ଟ କରିବାକୁ କୁହାଯାଇଛି। ସଫେଇ ଦିଆଯାଇଛି, ଏହା ବି ଇଚ୍ଛାଧୀନ ରଖାଯାଇଛି। ତେବେ 'ଇଚ୍ଛାଧୀନ' କଥା ବି ଧର୍ମକୁ ଆଖିଠାର ଭଳି। କାମ କରିବାକୁ ସେମାନେ ବାଧ୍ୟ, ନଚେତ ଚାକିରୀ ଚାଲିଯିବ। ଏଥିରୁ ସହଜରେ ଅନୁମେୟ, ଏହି କୋଡ୍ କେତେ ସୁରକ୍ଷା ଦେବ, ଚାକିରୀ, ପେନସନ୍, ଅନ୍ୟାନ୍ୟ ସୁବିଧା ସୁଯୋଗ ସବୁକିଛି ଅସୁରକ୍ଷିତ, ଏହିଭଳି ବହୁଦିଗ ଅଛି।

ଏହି ଶ୍ରମ କୋଡ୍ ସାମଗ୍ରିକଭାବେ ଲାଗୁ ହେଲେ ଜନସାଧାରଣଙ୍କର କି ସର୍ବନାଶ ହେବ ତା ବେଳ ଥାଉ ଥାଉ ବୁଝିବାର ସମୟ ଆସିଛି। ନଚେତ ନେଡ଼ିଗୁଡ କହୁଣିକି ବହିଯିବ। ଦେଶସାରା ବେକାର ମାଳ ମାଳ। କାମ ଦିଅ କାମ ଦିଅର ହାହାକାର। ମାଲିକ ସ୍ୱାର୍ଥରେ କାରଖାନା ମାନଙ୍କରେ ଉନ୍ନତ ଜ୍ଞାନ କୌଶଳ ପ୍ରଯୁକ୍ତି ବିଦ୍ୟା ଓ ଉନ୍ନତ ଧରଣର ମେସିନ ବସାଇ କାମ ଚାଲୁଛି। ଶ୍ରମିକ ସଂଖ୍ୟା ବ୍ୟାପକ ମାତ୍ରାରେ କମି କମି ଆସୁଛି। ଏପରିକି ରାସ୍ତା ଘାଟ, ପୋଲ ତିଆରି କାମରେ ବି ଲୋକ ଦରକାର ନାହିଁ, ସବୁ ମେସିନରେ ହେଉଛି। ସମୁଦ୍ରକୁ ଶଙ୍ଖେ ଭଳି କାମ ମିଳିଲେ ବି ମଜୁରି ନାହିଁ। ଜୀବନ ଅନିଶ୍ଚିତ, ବଂଚିବା ଦୁର୍ବିସହ। ଏହି ପରିସ୍ଥିତିରେ ଶାସକ ଶ୍ରେଣୀର ଜାତି, ଧର୍ମ ସଂପ୍ରଦାୟ ଭିତ୍ତିରେ ବିଭାଜନକାରୀ ଘୃଣ୍ୟ ରାଜନୀତିକୁ ସଂଗଠିତ ଓ ଯୋଜନାବଦ୍ଧଭାବେ କାର୍ଯ୍ୟକାରୀ କରୁଛି, ତା'ର ବର୍ତ୍ତମାନ ସବୁଠୁ ବିଶ୍ୱସ୍ତ ଦଳ ବିଜେପି। ଆଜି ସମୟର ଜରୁରି ଆହ୍ୱାନ ହେଉଛି ଶୋଷିତ ଜନଗଣଙ୍କର ଐକ୍ୟବଦ୍ଧ ଆନ୍ଦୋଳନ। ଏହି ପୃଷ୍ଠଭୂମିରେ ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ କର୍ମଚାରୀ ଫେଡେରେସନ ପକ୍ଷରୁ ମିଳିତଭାବେ ୧୨ଫେବୃୟାରୀର ଦେଶବ୍ୟାପୀ ସାଧାରଣ ଧର୍ମଘଟର ଆହ୍ୱାନ ଦିଆଯାଇଛି। ଏହା କେବଳ ଶ୍ରମିକ କର୍ମଚାରୀର ଆନ୍ଦୋଳନ ନୁହେଁ, ଏହା ଶୋଷିତ ମଣିଷର ସମସ୍ତ ଅଂଶର ଜନଗଣଙ୍କର ଆନ୍ଦୋଳନ। ଏହି ସାଧାରଣ ଧର୍ମଘଟକୁ ସଫଳ କରିବା ସହିତ ଆନ୍ଦୋଳନର ଧାରାବାହିକତା ରକ୍ଷା କରି ସଠିକ ରାସ୍ତାରେ ଏହାକୁ ଆଗେଇ ନେବା ହିଁ ଜନଗଣଙ୍କର ନିକଟରେ ଐତିହାସିକ କର୍ତ୍ତବ୍ୟ ଭାବେ ଦେଖାଦେଇଛି। ★★★

# ବିଭିନ୍ନ ସ୍ଥାନରେ ଏଆଇଡିଏସ୍‌ଓ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ




ଏଆଇଡିଏସଓ ପକ୍ଷରୁ ସାରା ରାଜ୍ୟରେ ନେତାଜୀ ଜୟନ୍ତୀ ଯଥାଯୋଗ୍ୟ ମର୍ଯ୍ୟାଦାର ସହ ପାଳନ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ବର୍ଷ ବିଦ୍ୟାଳୟ-ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଏହି ବର୍ଷ କଟକ ଜିଲ୍ଲା କମିଟି ପକ୍ଷରୁ କଲେଜ ଛକଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ କ୍ଷୀରୋଦ ଚନ୍ଦ୍ର ମହାପାତ୍ର ଏବଂ ମୁଖ୍ୟ ବକ୍ତାଭାବେ ଏ.ଆଇ.ଡି.ଏସ୍.ଓ ଓଡିଶା ରାଜ୍ୟ ପରିଷଦର ସଭାପତି କମ୍ରେଡ ସୋମନାଥ ବେହେରା ଯୋଗ ଦେଇଥିଲେ। ଏଆଇଡିଏସ୍‌ଓର କଟକ ଜିଲ୍ଲା ସଭାପତି ଇଶା ଧର ଉକ୍ତ ସଭାର ସଭାପତିତ୍ୱ କରିଥିଲେ। ଭଦ୍ରକ ଜିଲ୍ଲା ପକ୍ଷରୁ ସଂସ୍କୃତି ଭବନ ଠାରେ ନେତାଜୀ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଜୟନ୍ତୀ ସଭାରେ ଅତିଥି ଭାବେ ବିଶିଷ୍ଟ ଚିତ୍ର ଶିଳ୍ପୀ ଶ୍ରୀ ରତିକାନ୍ତ ଦାଶ, ଶ୍ରୀଯୁକ୍ତ ମଦନ ମହାକୁଡ, ଶ୍ରୀମତୀ ଦେବକୀ ରାୟ ଓ ଏଆଇଡିଏସଓର ରାଜ୍ୟ ସମ୍ପାଦକ କମ୍ରେଡ ସିଦ୍ଧାର୍ଥ ରଥ ମୁଖ୍ୟବକ୍ତା ଭାବେ ନିଜର ଅଭିଭାଷଣ ରଖିଥିଲେ। କମ୍ରେଡ ଗୋବିନ୍ଦ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଉକ୍ତ ସଭା ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ନେତାଜୀଙ୍କ ବିରଳ ଫଟୋ ଏବଂ ଉଦ୍ଧୃତି ପ୍ରଦର୍ଶନୀ ସହ ଜନସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକା ଡଃ. ବିଧୁପ୍ରଭା ରଥ ଏବଂ ମୁଖ୍ୟବକ୍ତା ଭାବେ ଏଆଇଡିଏସଓ ରାଜ୍ୟ ପରିଷଦର ସଭାପତି କମ୍ରେଡ ସୋମନାଥ ବେହେରା ବକ୍ତବ୍ୟ ରଖିଥିଲେ। ସଭାର ସଭାପତିତ୍ୱ କରିଥିଲେ କମ୍ରେଡ ନାରାୟଣ ସାହୁ। ଏଆଇଡ଼ିଏସଓ ବଲାଙ୍ଗୀର ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ନେତାଜୀ ଛକ ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ନେତାଜୀ ସଂଗ୍ରାମୀ ପରିଷଦର ସଭାପତି ଶ୍ରୀଯୁକ୍ତ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଯୋଗ ଦେଇଥିଲା ବେଳେ ମୁଖ୍ୟ ବକ୍ତା ଭାବରେ ପୂର୍ବତନ ସର୍ବଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ଼ ଅଶୋକ ମିଶ୍ର ଯୋଗଦେଇଥିଲେ। ଅନ୍ୟତମ ବକ୍ତା ଭାବେ ବକ୍ତବ୍ୟ ରଖିଥିଲେ ଏ.ଆଇ.ଡି.ଏସ୍.ଓ ରାଜ୍ୟ ଉପସଭାପତି କମ୍ରେଡ ସୁନିଲ ଭୋଇ। ଉକ୍ତ ସଭାକୁ ପରିଚାଳନା କରିଥିଲେ ସଂଗଠନର ସଭାପତି କମ୍ରେଡ ମଧୁସୂଦନ ବାଗ। ବରଗଡ଼ ଜିଲ୍ଲାର ମହିଳା କଲେଜରେ ଏକ ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟବକ୍ତା ଭାବେ ପୂର୍ବତନ ସର୍ବଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ ଅଶୋକ ମିଶ୍ର ଯୋଗ ଦେଇଥିଲେ। ସଭାକୁ ପରିଚାଳନା କରିଥିଲେ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ କମ୍ରେଡ ମଧୁସୂଦନ ବାଗ । ଯାଜପୁର ଜିଲ୍ଲା ଏଆଇଡିଏସଓ ରାଜ୍ୟ ଉପସଭାପତି କମ୍ରେଡ୍ ନିରୁପମା ବେହେରା, ସଭାପତି କମ୍ରେଡ ସଂଯୁକ୍ତା ସାହୁ, ଜିଲ୍ଲା ସଭ୍ୟା କମ୍ରେଡ ପ୍ରଭାତୀ ମଲ୍ଲିକଙ୍କ ନେତୃତ୍ୱରେ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ନେତାଜୀ ଜୟନ୍ତୀ ସମାରୋହ ପାଳନ ହୋଇଥିଲା। ଭୁବନେଶ୍ୱରରେ ଏଆଇଡିଏସଓ ରାଜ୍ୟ କୋଷାଧକ୍ଷା କମ୍ରେଡ ଶର୍ପୁର୍ଣ୍ଣିନୀ ରାଉଳଙ୍କ ନେତୃତ୍ୱରେ ନେତାଜୀ ଜୟନ୍ତୀ ପାଳନ ହୋଇଥିଲା। ଖୋର୍ଦ୍ଧା ଲୋକାଲ କମିଟି ଉଦ୍ୟୋଗରେ ବଣିଆଟାଙ୍ଗୀ ଗ୍ରାମଠାରେ ମଧ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ବକ୍ତାଭାବେ ରାଜ୍ୟ ଅଫିସ ସମ୍ପାଦକ କମ୍ରେଡ ନସିମ ସରକାର ବକ୍ତବ୍ୟ ରଖିଥିଲେ ଏବଂ ସଭା ପରିଚାଳନା କରିଥିଲେ ଲୋକାଲ କମିଟିର ସଭାପତି କମ୍ରେଡ ଶ୍ରୀକାନ୍ତ ନାୟକ ଓ ନୂଆଗାଁ ଗ୍ରାମରେ ଖୋର୍ଦ୍ଧା ଜିଲ୍ଲା କମିଟି ଉଦ୍ୟୋଗରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ସମ୍ପାଦକମଣ୍ଡଳୀ ସଦସ୍ୟ କମ୍ରେଡ ନାରାୟଣ ନାୟକ ଉପସ୍ଥିତ ଥିଲେ। ସଭାର ସଭାପତିତ୍ୱ କରିଥିଲେ ଆରତୀ ମଞ୍ଜରୀ ଦାସ। ଅନୁଗୋଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜିଲ୍ଲା ସଭାପତି କମ୍ରେଡ ପରମାନନ୍ଦ ସାହୁ ଏବଂ ସମ୍ପାଦକ ନାରାୟଣ ନାୟକ ଓ ସରୋଜିନୀ ବେହେରାଙ୍କ ନେତୃତ୍ୱରେ, ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସଙ୍ଗଠନର ଜିଲ୍ଲା ସଭାପତି କମ୍ରେଡ ହରେକୃଷ୍ଣ ଦାସ ଏବଂ ସମ୍ପାଦକ କମ୍ରେଡ ପ୍ରଶାନ୍ତ ଦାସଙ୍କ ନେତୃତ୍ୱରେ, ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜିଲ୍ଲା ସଭାପତି କମ୍ରେଡ ମଧୁସୂଦନ ନାଏକ, ସମ୍ପାଦକ କମ୍ରେଡ ଫୁଲଚାନ୍ଦ ଲୋହର ଏବଂ ଅଫିସ ସମ୍ପାଦକ କମ୍ରେଡ ଯତୀନ ବାନରାଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ କରାଯାଇଥିଲ।

# ନାଉଗାଁରେ ନେତାଜୀ ଜୟନ୍ତୀ ପାଳନ



ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ନାଉଗାଁ ବ୍ଲକ ଅନ୍ତର୍ଗତ ବାଂଶ ଗ୍ରାମରେ ସ୍ଥାପିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଗଣମାଲ୍ୟାର୍ପଣ ଓ ଜୟନ୍ତୀ ସଭା ଅନୁଷ୍ଠିତ ହୋଇ ଯାଇଛି। ଜୟନ୍ତୀ କମିଟିର ଆବାହକ କମ୍ରେଡ ସୁବାସ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ହାଡିବନ୍ଧୁ ସେଠୀ, ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର କମ୍ରେଡ ସ୍ୱର୍ଣ୍ଣଲତା କାଣ୍ଡି, ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଯୁଥ୍ ଅର୍ଗାନାଇଜେସନ ପକ୍ଷରୁ କମ୍ରେଡ ବୀର କିଶୋର ମଲ୍ଲିକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନ ସଂଗ୍ରାମ ସମ୍ପର୍କରେ ଆଲୋଚନା କରିଥିଲେ। କମ୍ରେଡ ମଳୟ ଦାସ, ଛବିନ୍ଦ୍ର ଭୋଇ, ଟୁକୁନା ଦାସ, ସ୍ୱାଧୀନୀ ସାମଲ ଉକ୍ତ କାର୍ଯ୍ୟକ୍ରମ ସଂଗଠିତ କରିଥିଲେ। ଛାତ୍ରୀ ପୂଜା କାଣ୍ଡି ବିପ୍ଲବୀ ସଂଗୀତ ଗାନ କରିଥିଲେ।

# କମ୍ରେଡ୍ ଜିତ୍ ମୋହନ ମହାନ୍ତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି



ମୟୂରଭଞ୍ଜ ଜିଲ୍ଲା, ବିଶୋଇ ବ୍ଲକର ପାର୍ଟିର ପୂର୍ବତନ ଆଂଚଳିକ କମିଟିର ସମ୍ପାଦକ କମ୍ରେଡ ଜିତମୋହନ ମହାନ୍ତ ଜାନୁଆରୀ ୨୨ ତାରିଖ ସକାଳ ୭ ଟା ସମୟରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ। ବିଶୋଇ ବ୍ଲକରେ ପାର୍ଟି ସଂଗଠନ ଗଢ଼ି ତୋଳିବା କ୍ଷେତ୍ରରେ କମ୍ରେଡ ମହାନ୍ତ ଏକ ଉଲ୍ଲେଖନୀୟ ଭୂମିକା ପାଳନ କରିଛନ୍ତି, ଯାହାକୁ ଆମେ ଶ୍ରଦ୍ଧାର ସହ ସ୍ମରଣ କରୁଛୁ। ତାଙ୍କର ପରିବାରର ସଦସ୍ୟ ବୃନ୍ଦ ଏବଂ ଆତ୍ମୀୟ ସ୍ୱଜନ ମାନଙ୍କ ମଧ୍ୟରୁ ଅନେକଙ୍କୁ ସେ ପାର୍ଟି ସମର୍ଥକ ଓ ଦରଦୀରେ ପରିଣତ କରିଥିଲେ। ଗୋଟିଏ ସମୟରେ କମ୍ରେଡ ମହାନ୍ତଙ୍କ ଘର ସେ ଅଂଚଳରେ ପାର୍ଟି କାର୍ଯ୍ୟକ୍ରମର କେନ୍ଦ୍ର ସ୍ଥଳ ଭାବେ ବ୍ୟବହୃତ ହେଉଥିଲା। ଶାରୀରିକ ଅସୁସ୍ଥତା ପାଇଁ ସେ ଦୀର୍ଘ ଦିନ ସକ୍ରିୟ ରହି ପାରି ନ ଥିଲେ ବି ପାର୍ଟି ଏବଂ ନେତୃତ୍ୱ ପ୍ରତି ତାଙ୍କର ଗଭୀର ଆସ୍ଥା ଏବଂ ଭଲ ପାଇବା ଅତୁଟ ରହିଥିଲା। କମ୍ରେଡ ମହାନ୍ତଙ୍କ ମୃତ୍ୟୁରେ ପାର୍ଟି ଜଣେ ଅତ୍ୟନ୍ତ ବିଶ୍ୱସ୍ତ କମ୍ରେଡଙ୍କୁ ହରାଇଲା।

**କମ୍ରେଡ ଜିତମୋହନ ମହାନ୍ତ**
**ଲାଲ ସଲାମ**

# ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ଭଞ୍ଜନଗରରେ ଜନସଭା



ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ସାରା ଓଡ଼ିଶା ନେତାଜୀ ସୁଭାଷ ଜୟନ୍ତୀ କମିଟି, ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଭଞ୍ଜ ସାହିତ୍ୟ ପରିଷଦ, ଭଞ୍ଜନଗର ଠାରେ ଜାନୁଆରୀ ୨୫ ତାରିଖ ଦିନ ଭଞ୍ଜନଗର ଉପଖଣ୍ଡ ସ୍ତରୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଜନ ସଭା ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂସ୍କୃତିରନ୍ ନାରାୟଣ ମହାରଣା ଛାତ୍ରଛାତ୍ରୀଙ୍କୁ ନେତାଜୀଙ୍କ ଜୀବନ ସଂଗ୍ରାମ ବିଷୟରେ ଅବଗତ କରାଇଥିଲେ। ଜିଲ୍ଲା ସଭାପତି ସାହିତ୍ୟିକା ଡଃ. ବିଧୁପ୍ରଭା ରଥ ସଭାକୁ ପରିଚାଳନା ସହ ପ୍ରାରମ୍ଭିକ ବକ୍ତବ୍ୟରେ ଆଜିର ପରିସ୍ଥିତିରେ ନେତାଜୀଙ୍କୁ ମନେ ପକାଇବା କାହିଁକି ତାହା ଆଲୋଚନା କରିଥିଲେ ଏବଂ ଜିଲ୍ଲା ସମ୍ପାଦକ ସୋମନାଥ ବେହେରା ଛାତ୍ରଛାତ୍ରୀମାନଙ୍କୁ ନେତାଜୀଙ୍କ ଅପୂରିତ ସ୍ୱପ୍ନକୁ ପୂରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ସଭା ଶେଷରେ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ସହିତ ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ସଙ୍ଗୀତରେ ବିଚାରକ ଭାବେ ଯୋଗଦେଇଥିଲେ ଇତିହାସ ବିଭାଗର ଅଧାପକ ଅଶୋକ କୁମାର ସ୍ୱାଇଁ ଏବଂ ଓଡ଼ିଆ ବିଭାଗର ଅଧାପକ ଦୁର୍ଗାମାଧବ ଦାଶ।

# ରାଉରକେଲାରେ ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳିତ



ଜାନୁୟାରୀ ୧୪ ତାରିଖରେ ମହାନ ମାନବତାବାଦୀ ସାହିତ୍ୟିକ ଫକୀରମୋହନ ସେନାପତିଙ୍କ ଜୟନ୍ତୀ ରାଉରକେଲା ସେକ୍ଟର-୭ କମ୍ୟୁନିଟି ସେଣ୍ଟର ଠାରେ ପାଳିତ ହୋଇଥିଲା। ଏଆଇଡିଏସଓର ଜିଲ୍ଲା ଆବାହକ କମ୍ରେଡ ବିରେନ ନାଏକ ସଭା ପରିଚାଳନା କରିଥିଲେ। ଏଥିରେ ଏସୟୁସିଆଇ(କମ୍ୟୁନିଷ୍ଟ) ଜିଲ୍ଲା ସମ୍ପାଦକ କମ୍ରେଡ୍ ଅଜିତ ନାୟକ, ଶ୍ରୀନିବାସ ସେଠୀ, ଏଆଇଡିୱାଇଓ ପକ୍ଷରୁ ଆଲୋକ ବେହେରା, ରଶ୍ମିରଞ୍ଜନ ମଲ୍ଲିକ, ସୂର୍ଯ୍ୟ ପଣ୍ଡା, ବାଇଧର ପ୍ରଧାନ, ହିମାଂଶୁ ସ୍ୱାଇଁ, ଏଆଇଡିଏସଓ ପକ୍ଷରୁ ସଂଗ୍ରାମ ପରିଡ଼ା, ଏ ଆଇଏମ୍ଏସ୍ଏସ୍ ପକ୍ଷରୁ ବିଦ୍ୟୁତ ମହାନ୍ତ, ପ୍ରତିଭା ଦଣ୍ଡପାଟ, ଅସୀମା ବେହେରା, ଗୀତାଞ୍ଜଳି ମହାନ୍ତି ପ୍ରମୁଖ ଯୋଗଦେଇ ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବହୁ ଛାତ୍ର ଯୁବକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଉଚ୍ଚ ମାଧ୍ୟମିକ ପରିଷଦର ନିଷ୍ପତ୍ତି ବିରୁଦ୍ଧରେ ଏଆଇଡିଏସ୍‌ଓର ପ୍ରତିବାଦ




ଜାନୁଆରୀ ୧୬ ତାରିଖ ଦିନ ଉଚ୍ଚ ମାଧ୍ୟମିକ(+୨) ସାର୍ଟିଫିକେଟ ଓ ମାର୍କ ସିଟ ଯାଂଚ ଫିସ୍ ଦୁଇଗୁଣ ବୃଦ୍ଧି ବିରୋଧରେ ଏଆଇଡିଏସଓ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଗଭୀର କ୍ଷୋଭ ପ୍ରକାଶ କରାଯାଇଛି। ଏହି ଫିସ ବୃଦ୍ଧିକୁ ଅବିଳମ୍ବେ ପ୍ରତ୍ୟାହାର କରିବା ଦାବିରେ ସଂଗଠନର ରାଜ୍ୟ ସଂପାଦକ କମ୍ରେଡ଼ ସିଦ୍ଧାର୍ଥ ରଥ, ଅଫିସ ସଂପାଦକ ନସିମ ସରକାର, କୋଷାଧକ୍ଷା ଶର୍ପୁର୍ଣ୍ଣିନୀ ରାଉଳ, ରାଜ୍ୟ କମିଟି ସଭ୍ୟ ଶ୍ରୀକାନ୍ତ ନାୟକ ଓ ମନୋଜ ପାତ୍ର ଏଆଇଡିଏସଓ ପକ୍ଷରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସଚିବଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏହା ସହିତ ଯାଜପୁର ରୋଡ, ବଲାଙ୍ଗିର, ବ୍ରହ୍ମପୁର, ଅନୁଗୋଳ, ବାରିପଦାଠାରେ ମଧ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯାଜପୁରରୋଡ଼ରେ ରାଜ୍ୟ ଉପସଭାପତି କମ୍ରେଡ଼ ନିରୁପମା ବେହେରା, ବଲାଙ୍ଗିରରେ ରାଜ୍ୟ ଉପସଭାପତି ସୁନିଲ ଭୋଇ ଓ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ମଧୁସୂଦନ ବାଗ, ବ୍ରହ୍ମପୁରରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ନିମାଇଁ ଚରଣ ସାହୁ, ନାରାୟଣ ସାହୁ, ରାଜ୍ୟ କମିଟି ସଭ୍ୟ ପପୁନ ସାହୁ, ଅନୁଗୋଳରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ନାରାୟଣ ନାୟକ, ରାଜ୍ୟ କମିଟି ସଭ୍ୟା ନିରୁପମା ନାୟକ ଆଦିଙ୍କ ନେତୃତ୍ୱରେ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବାଙ୍ଗାଲୋର ସହରରେ ସର୍ବଭାରତୀୟ ଜନ ସଂସଦ ଉଦ୍‌ଯାପିତ ଏନ୍‌ଇପି-୨୦୨୦ର ବିକଳ୍ପ ଭାବେ ଜନ ଶିକ୍ଷାନୀତି (ପିଇପି) ଗୃହିତ







ସର୍ବଭାରତୀୟ ଜନ ସଂସଦରେ ମଞ୍ଚାସୀନ ବିଶିଷ୍ଟ ଶିକ୍ଷାବିତ୍ ବୁଦ୍ଧିଜୀବୀ ଗଣ

୨୪ ଜାନୁୟାରୀ ୨୦୨୬ ବାଙ୍ଗାଲୋର ସହରରେ ଏକଜୁଟ୍ ହୋଇଥିଲେ ଦେଶର ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରୁ ହଜାର ହଜାର ସଂଖ୍ୟାରେ ବହୁ ସୁନାମଧନ୍ୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ପ୍ରଫେସର, ବୈଜ୍ଞାନିକ, ଶିକ୍ଷକ, ଅଭିଭାବକ, ଛାତ୍ର ଏବଂ ସର୍ବୋପରି ଶୁଭବୁଦ୍ଧିସମ୍ପନ୍ନ ଜନଗଣ। ସମସ୍ତଙ୍କ ମନରେ ଗୋଟେ କଥା ସରକାରୀ ଶିକ୍ଷା ବ୍ୟବସ୍ଥାର ସୁରକ୍ଷା। ଏଭଳି ଶିକ୍ଷା ନୀତି ଗ୍ରହଣ କରିବା, ଯାହା ସର୍ବସ୍ତରର ଜନଗଣଙ୍କ ଦ୍ୱାରା ଏବଂ ଛାତ୍ର-ଶିକ୍ଷା ସ୍ୱାର୍ଥ ରକ୍ଷାକାରୀ ବୈଜ୍ଞାନିକ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଏବଂ ସାର୍ବଜନୀନ ଶିକ୍ଷାର ଧାରଣାକୁ ଭିତ୍ତିକରି ଗଢ଼ିଉଠିବ। ସେହି ଉଦ୍ଦେଶ୍ୟରେ ବାଙ୍ଗାଲୋରର ରମୈୟା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆପେକ୍ସ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଐତିହାସିକ ସର୍ବଭାରତୀୟ ଜନ ସଂସଦକୁ ସଫଳ କରିବା ପାଇଁ ସମସ୍ତେ ଏକଜୁଟ୍ ହୋଇଥିଲେ। ଜନ ସଂସଦରେ ଏନ୍‌ଇପି-୨୦୨୦ ଯାହାକି ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ସାଂପ୍ରଦାୟୀକରଣ, କେନ୍ଦ୍ରୀକରଣ ଓ ଧନ୍ଦାମୁଖୀକରଣର ଏକ ନୀଳ ନକ୍ସା ତାହାର ଏକ ବିକଳ୍ପ ଭାବେ ଜନ ଶିକ୍ଷାନୀତି (ପିଇପି) ଗ୍ରହଣ କରିବା ପାଇଁ।

ଠିକ୍ ସକାଳ ୧୦ଟାରେ ସମସ୍ତେ ଏକଜୁଟ୍ ହୋଇଥିଲେ ଅଲ୍ ଇଣ୍ଡିଆ ସେଭ ଏଜୁକେସନ୍ କମିଟି ସର୍ବଭାରତୀୟ କମିଟି ଆହ୍ୱାନରେ ବାଙ୍ଗାଲୋରର ରମୈୟା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆପେକ୍ସ ଅଡିଟୋରିୟମ୍‌ରେ। ଅଲ୍ ଇଣ୍ଡିଆ ସେଭ୍ ଏଜୁକେସନ୍ କମିଟି (ଏଆଇଏସ୍‌ଇସି)ର ସର୍ବଭାରତୀୟ ସଭାପତି ବିଶିଷ୍ଟ ସାହିତ୍ୟିକ, ସ୍ତମ୍ଭକାର ଶ୍ରୀଯୁକ୍ତ ପ୍ରକାଶ ଏନ୍ ଶାହାଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା ଐତିହାସିକ ସର୍ବଭାରତୀୟ ଜନ ସଂସଦ। ଏଆଇଏସ୍‌ଇସିର ସାଧାରଣ ସମ୍ପାଦକ ପ୍ରଫେସର ତରୁଣ କାନ୍ତି ନସ୍କର ପ୍ରଥମେ ଜନଶିକ୍ଷା ନୀତି ସମ୍ପର୍କରେ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ, ଯେତେବେଳେ ଏନ୍‌ଇପି-୨୦୨୦ର ଶିକ୍ଷା ବିରୋଧୀ ସୁପାରିଶ ଗୁଡ଼ିକ ବିରୁଦ୍ଧରେ ପ୍ରତିବାଦ ହେଉଥିଲା, ସେତେବେଳେ ଏକ ବିକଳ୍ପ ଶିକ୍ଷାନୀତି ପ୍ରସ୍ତୁତ କରିବା ପାଇଁ ପ୍ରସ୍ତାବ ଆସିଥିଲା। ତଦନୁସାରେ, ଦେଶବ୍ୟାପୀ ବହୁ ଶିକ୍ଷାବିତ୍‌ଙ୍କ ସହଯୋଗରେ, ଏକ ଚିଠା ଶିକ୍ଷା ନୀତି ପ୍ରସ୍ତୁତ କରାଯାଇ, ମେ' ୨୦୨୫ରେ ସର୍ବ ସାଧାରଣ ଆଲୋଚନା ପାଇଁ ପ୍ରକାଶିତ କରାଯାଇଥିଲା। ଏହି ଚିଠା ଶିକ୍ଷାନୀତିର ଲକ୍ଷ ଲକ୍ଷ କପି ସମସ୍ତ ଆଞ୍ଚଳିକ ଭାଷାରେ ମୁଦ୍ରିତ ହୋଇଛି ଏବଂ ଲୋକଙ୍କ ମଧ୍ୟରେ ପ୍ରସାରିତ ହୋଇଛି। ସାରା ଭାରତରେ ସମସ୍ତ ରାଜ୍ୟରେ ଆଲୋଚନା କରାଯାଇଥିଲା। ହଜାର ହଜାର ପରାମର୍ଶ ଗ୍ରହଣ କରାଯାଇଛି। ନୀତିକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ଏହି ଜନସଂସଦରେ ଏଗୁଡ଼ିକ ଉପରେ ଆଲୋଚନା କରାଯିବ। ଶେଷରେ, ଏହି ନୀତି ଲାଗୁ କରିବା ପାଇଁ ବାଙ୍ଗାଲୋର ଘୋଷଣାନାମା ଉପସ୍ଥାପିତ କରାଯିବ।




ଜନ ସଂସଦର ଉଦ୍‌ଘାଟନୀ ଅଧିବେଶନରେ ୟୁଜିସିର ପୂର୍ବତନ ଚେୟାରମ୍ୟାନ୍ ପ୍ରଫେସର ସୁଖଦେଓ ଥୋରାଟଙ୍କର ଉଦ୍‌ଘାଟନୀ ବକ୍ତବ୍ୟ ଭିତର ଦେଇ ଜନ ସଂସଦ ଆରମ୍ଭ ହୋଇଥିଲା। ସେ କହିଥିଲେ, କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସହିତ ପରାମର୍ଶ ନକରି ଏନ୍‌ଇପି-୨୦୨୦ ନୀତିକୁ ଅଗଣତାନ୍ତ୍ରିକ ଭାବରେ କାର୍ଯ୍ୟକାରୀ କରିଛନ୍ତି। ଏହା ଶିକ୍ଷାର ସମ୍ପୂର୍ଣ୍ଣ କେନ୍ଦ୍ରୀକରଣ କରିବା ଦିଗରେ ଅଗ୍ରସର ହେଉଛି। ଭାରତୀୟ ଜ୍ଞାନ ବ୍ୟବସ୍ଥା ନାଁରେ, ଅଯୌକ୍ତିକ ଏବଂ ଅବୈଜ୍ଞାନିକ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଉଛି। ୧୯୯୦ ଦଶକରେ ଘରୋଇକରଣର ଲହର ପରଠାରୁ, ଶିକ୍ଷାଗତ ଅସମାନତା ବୃଦ୍ଧି ପାଉଛି। ପ୍ରାୟ ୬୭% ଉଚ୍ଚ ଶିକ୍ଷାନୁଷ୍ଠାନ ସେଲ୍ଫ ଫାଇନାନସିଂ ଏବଂ ଘରୋଇ ହୋଇଯାଇଛନ୍ତି। ବର୍ଦ୍ଧିତ ଫି ଯୋଗୁଁ ଆର୍ଥିକ ଭାବରେ ପଛୁଆ ବର୍ଗଙ୍କ ମଧ୍ୟରେ ୨୨% ପାଠପଢ଼ା ଛାଡି ଦେଉଥିବା ପରିଲକ୍ଷିତ ହେଉଛି। ଫଳସ୍ୱରୂପ, ସାର୍ବଜନୀନ ଶିକ୍ଷା ଏକ ମରୀଚିକା ପାଲଟିଛି। ସେ ଏକ ଜନ ଶିକ୍ଷା ନୀତି ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ଯାହା ବୈଜ୍ଞାନିକ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଏବଂ ସାର୍ବଜନୀନ ଶିକ୍ଷାକୁ ପଣ୍ୟ ପରିବର୍ତ୍ତେ ଏକ ସାର୍ବଜନୀନ ଭାବରେ ବ୍ୟବହୃତ ହେବ।

ପୂର୍ବତନ ସାଂସଦ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପୂର୍ବତନ ସଚିବ ଶ୍ରୀଯୁକ୍ତ ଜବାହାର ସିରକାର ତାଙ୍କର ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ଆଧାରରେ ଗମ୍ଭୀର ଚେତାବନୀ ଦେଇ ଶିକ୍ଷା ଉପରେ ଆସୁଥିବା ଆକ୍ରମଣକୁ ସମସ୍ତ ଶକ୍ତି ଦେଇ ପ୍ରତିହତ କରିବାକୁ ଆହ୍ୱାନ ଦେଇଥିଲେ। ସେ କହିଥିଲେ ବର୍ତ୍ତମାନ ଆମେ ଏକ ଅତ୍ୟନ୍ତ ଶକ୍ତିଶାଳୀ ଏବଂ ସଂଗଠିତ ଶକ୍ତି ବିରୁଦ୍ଧରେ ଲଢ଼େଇ କରୁଛନ୍ତି। ସେ ଏନ୍‌ଇପି-୨୦୨୦କୁ ଏକ ଅମଲାତାନ୍ତ୍ରିକ ଉପକରଣ ଭାବରେ ବର୍ଣ୍ଣନା କରିଥିଲେ ଯାହା ଚାରୋଟି ମୁଖ୍ୟ ଉଦ୍ଦେଶ୍ୟ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ତାହା ହେଉଛି କେନ୍ଦ୍ରୀକରଣ, କର୍ପୋରେଟାଇଜେସନ୍, ସାମ୍ପ୍ରଦାୟୀକରଣ ଏବଂ ଶିକ୍ଷାର ଘରୋଇକରଣ। ସେ ଜୋର ଦେଇ କହିଥିଲେ ଯେ ଏହି ସରକାର ଆବେଦନର ଉତ୍ତର ଦିଏ ନାହିଁ। ତେଣୁ କେବଳ ଆବେଦନ ନୁହେଁ ସଂସଦ, ନ୍ୟାୟପାଳିକା ସମେତ ସମସ୍ତ ମଂଚରେ ଏନ୍‌ଇପି-୨୦୨୦କୁ ଚ୍ୟାଲେଞ୍ଜ କରିବାକୁ ଅନୁରୋଧ କରିଥିଲେ।



ବମ୍ବେ ଆଇଆଇଟିର ଅବସରପ୍ରାପ୍ତ ପ୍ରଫେସର ରାମ ପୁନିଆନି ବର୍ତ୍ତମାନର ଶିକ୍ଷାଗତ ସଙ୍କଟ ବିଶ୍ଳେଷଣ କରିଥିଲେ। ସେ ନିରାଶ ପ୍ରକାଶ କରିଥିଲେ ଯେ ୧୧ ବର୍ଷ ଧରି କ୍ଷମତାରେ ରହିବା ସ□ତ୍ତ୍ୱ ବି ବର୍ତ୍ତମାନର କେନ୍ଦ୍ର ସରକାର ଶତାବ୍ଦୀ ତଳର ପୁରୁଣା ରାଜନୈତିକ ଚିନ୍ତାଧାରାକୁ ପ୍ରତିନିଧିତ୍ୱ କରୁଛି ଯାହାର ଲକ୍ଷ୍ୟ ସାମାଜିକ ଅସମାନତାକୁ ଗଭୀର କରିବା ଏବଂ ସାମ୍ବିଧାନିକ ଅଧିକାରକୁ ଦମନ କରିବା। ସେ ଅଭିଯୋଗ କରିଥିଲେ ଯେ ଗୁଣାତ୍ମକ ଶିକ୍ଷା ଉଚ୍ଚବର୍ଗଙ୍କ ପାଇଁ ସଂରକ୍ଷିତ କରାଯାଉଥିବା ବେଳେ, ସରକାରୀ ସ୍କୁଲଗୁଡ଼ିକୁ ବନ୍ଦ କରାଯାଉଛି ଏବଂ ହଜାର ହଜାର ଶିକ୍ଷକ ପଦବୀ ଖାଲି ପଡିଛି।


ତାହାପରେ ଜେଏନ୍‌ୟୁର ପୂର୍ବତନ ପ୍ରଫେସର ସଚ୍ଚିଦାନନ୍ଦ ସିହ୍ନା ଜନ ସଂସଦର ବାଚସ୍ପତି ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ଉଦ୍‌ଘାଟନୀ ଅଧିବେଶନ ପରେ ଚିଠା ଜନ ଶିକ୍ଷାନୀତିର ବିଭିନ୍ନ ଦିଗ ଉପରେ ପୃଥକ ପୃଥକ ଭାବେ ୧୦ଟି ଥିମେଟିକ୍ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ବହୁ ବିଶିଷ୍ଟ ଶିକ୍ଷାବିତ୍ ମାନେ ଅଧ୍ୟକ୍ଷତା କରୁଥିଲେ। ଥିମେଟିକ୍ ଅଧିବେଶନ ଗୁଡିକରେ ସାରା ଦେଶରୁ ଆସିଥିବା ସଂଯୋଜନ ଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ସୁପାରିଶ, ସଂଯୋଜନ ଗୁଡିକ ଗ୍ରହଣ କରାଯାଇଥିଲା।

ଜନ ସଂସଦର ଉଦ୍‌ଯାପନୀ ଅଧିବେଶନରେ ଜେଏନ୍‌ୟୁର ପୂର୍ବତନ ପ୍ରଫେସର ଅରୁଣ କୁମାର ଭାରତୀୟ ଶିକ୍ଷା ବ୍ୟବସ୍ଥାର ଏକ ମୌଳିକ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଥିଲେ। ସାମାଜିକ ପ୍ରାସଙ୍ଗିକ ଜ୍ଞାନ ବ୍ୟବସ୍ଥା ହେବା ପରିବର୍ତ୍ତେ ସାମନ୍ତବାଦୀ ପ୍ରକୃତି ଏବଂ ପାଶ୍ଚାତ୍ୟ ଧାରଣାକୁ ପୁନଃସ୍ଥାପନା କରିବାର ପ୍ରବୃତ୍ତିକୁ ସମାଲୋଚନା କରିଥିଲେ। ଯୁକ୍ତି ଦେଇଥିଲେ ଯେ ଏନ୍‌ଇପି ଦିଲ୍ଲୀର ପ୍ରଦୂଷଣ ଭଳି ଆଧୁନିକ ସଙ୍କଟ ସମାଧାନ କରିବା ବଦଳରେ ଅସଂଗଠିତ କ୍ଷେତ୍ର ପାଇଁ ଆଜ୍ଞାଧୀନ ଶ୍ରମିକ ସୃଷ୍ଟି କରିବାର ବିପଦ ସୃଷ୍ଟି କରୁଛି। ବିଶ୍ୱ ବ୍ୟାଙ୍କ-ଚାଳିତ ଏଜେଣ୍ଡା ଉପରେ ଅତ୍ୟଧିକ ନିର୍ଭରଶୀଳତାକୁ ଆଲୋକପାତ କରିଥିଲେ। ସେ ଅତିଥି, ଚୁକ୍ତି ଭିତ୍ତିକ ଏବଂ ବରିଷ୍ଠ ଅଧ୍ୟାପକଙ୍କ ମଧ୍ୟରେ ବିଭାଜନକୁ ଦୂର କରି ଶିକ୍ଷକ ସମ୍ପ୍ରଦାୟର ଏକୀକରଣ ପାଇଁ ଅନୁରୋଧ କରିଥିଲେ। ପୁଞ୍ଜିବାଦୀ ଆବଶ୍ୟକତା ଅପେକ୍ଷା ସାମାଜିକ ଚେତନା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରାଥମିକତା ଦେଉଥିବା ବିକଳ୍ପ ଶିକ୍ଷା ନୀତିକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ।

ଅବସରପ୍ରାପ୍ତ IISER କୋଲକାତା ପ୍ରଫେସର ସୌମିତ୍ରୋ ବାନାର୍ଜୀ ଭାରତୀୟ ଜ୍ଞାନ ପ୍ରଣାଳୀର ଆବରଣ ତଳେ ଛଦ୍ମ-ବିଜ୍ଞାନର ପ୍ରତିଷ୍ଠାନ ବିରୁଦ୍ଧରେ ଚେତାବନୀ ଦେଇଥିଲେ। ଆମକୁ ଅନୁଭବମୂଳକ ପ୍ରମାଣକୁ ପୁରାଣ-ଇତିହାସ (empirical evidence with 'myth-history) ସହିତ ବଦଳାଇବାର ଧାରାକୁ ପ୍ରତିରୋଧ କରିବାକୁ ପଡିବ। ସେ ଯୁକ୍ତି ଦେଇଥିଲେ ଯେ ପ୍ରାଚୀନ ବିମାନ କିମ୍ବା ଷ୍ଟେମ୍ ସେଲ୍ ଉପରେ ଗବେଷଣା ଥର୍ମୋଡାଇନାମିକ୍ସ ଏବଂ ଧାତୁ ବିଜ୍ଞାନର ମୌଳିକ ପ୍ରମାଣର ଅଭାବ ଅଛି। ସେ ବୈଦିକ ଗଣିତ ଅନ୍ତର୍ଭୁକ୍ତ କରିବାକୁ ତିବ୍ର ସମାଲୋଚନା କରିଥିଲେ। ଉଲ୍ଲେଖ କରିଥିଲେ ଯେ ଏସ.ଜି. ଦାନିଙ୍କ ପରି ପ୍ରଖ୍ୟାତ ଗଣିତଜ୍ଞମାନେ ସ୍ପଷ୍ଟ କରିଛନ୍ତି ଯେ ଏଗୁଡ଼ିକ କେବଳ ଗଣନାର ସଂକ୍ଷିପ୍ତ ଉପାୟ ଯାହାର କୌଣସି ବୈଦିକ ଉତ୍ପତ୍ତି ନାହିଁ।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

# ସାମ୍ରାଜ୍ୟବାଦ ଯେତେଦିନ ରହିବ ସେତେଦିନ ଯୁଦ୍ଧର ବିପଦ ମଧ୍ୟ ରହିବ -ଲେନିନ୍



ସାଧାରଣ ଭାବରେ ସାମ୍ରାଜ୍ୟବାଦ ଗଣତନ୍ତ୍ରକୁ ଅସ୍ୱୀକାର କରିବାକୁ ଚାହେଁ, ଜାତୀୟ ପ୍ରଶ୍ନରେ ମଧ୍ୟ(ଜାତୀୟ ଆତ୍ମନିୟନ୍ତ୍ରଣ ଅର୍ଥରେ) ସାମ୍ରାଜ୍ୟବାଦ ଗଣତନ୍ତ୍ରକୁ ଅସ୍ୱୀକାର କରିବାକୁ ଚାହେଁ, ପଦଦଳିତ କରିବାକୁ ଚାହେଁ। ସାମ୍ରାଜ୍ୟବାଦ ଗଢିଉଠିଲେ ଗଣତାନ୍ତ୍ରିକ ଅଧିକାର ଅର୍ଜନ କରିବା, ଅର୍ଥାତ୍ ସ୍ୱାଧୀନ ପ୍ରଜାତନ୍ତ୍ର ଗଠନ, ସୈନ୍ୟବାହିନୀ ସୃଷ୍ଟି, ଜନସାଧାରଣଙ୍କ ଦ୍ୱାରା ପ୍ରଶାସକ ନିର୍ବାଚିତ କରିବା, ଏହି ସମସ୍ତ କିଛି ସମାନ ପରିମାଣରେ ଏବଂ ସମାନ ଭାବରେ ଅର୍ଜନ କରିବା ପ୍ରାକ ଏକଚାଟିଆ ପୁଞ୍ଜିବାଦ ତୁଳନାରେ ଅନେକ ବେଶୀ କଠିନ ହୋଇପଡେ। ଏକଚାଟିଆ କାରବାର, ଧନକୁବେର ଗୋଷ୍ଠି, ସ୍ୱାଧୀନତା ବଦଳରେ ଶକ୍ତିଶାଳୀ ଜାତି ଦ୍ୱାରା କ୍ରମବର୍ଦ୍ଧମାନ ସଂଖ୍ୟାରେ ଛୋଟ ଛୋଟ ଓ ଦୁର୍ବଳ ଜାତିର ଶୋଷଣ- ଏଗୁଡିକ ସାମ୍ରାଜ୍ୟବାଦର ସେହି ସମସ୍ତ ଚାରିତ୍ରିକ ବୈଶିଷ୍ଟ୍ୟ ସୃଷ୍ଟି କରିଛି, ଯାହାକୁ ଦେଖି ଆମେ ତାକୁ ପରଜୀବୀ ବା କ୍ଷୟିଷ୍ଣୁ ପୁଞ୍ଜିବାଦ ହିସାବରେ ଆଖ୍ୟାୟିତ କରିବାକୁ ବାଧ୍ୟ।

ଅର୍ଥନୈତିକ ଦିଗରୁ ଏକଚାଟିଆ ପୁଞ୍ଜିବାଦ ହିଁ ହେଉଛି ସାମ୍ରାଜ୍ୟବାଦ। ସଂପୂର୍ଣ୍ଣ ଭାବରେ ଏକଚାଟିଆ ପୁଞ୍ଜିର ଚରିତ୍ର ଅର୍ଜନ କରିବାକୁ ହେଲେ ସମସ୍ତ ପ୍ରକାର ପ୍ରତିଯୋଗିତାର ଅବସାନ ଘଟାଇବାକୁ ହିଁ ହୁଏ ଏବଂ ତାହା କେବଳ ଦେଶୀୟ ବଜାରରେ(ବିଶେଷ ଦେଶର) ନୁହେଁ, ବିଶ୍ୱବ୍ୟାପୀ ବିଦେଶର ବଜାରରେ ମଧ୍ୟ ଘଟାଇବାକୁ ହେବ। ଏହି ଲଗ୍ନି ପୁଞ୍ଜି ଯୁଗରେ ବିଦେଶୀ ରାଷ୍ଟ୍ରର ବଜାରରେ ସମସ୍ତ ପ୍ରତିଯୋଗିତାର ଅବସାନ ଘଟାଇବା କଣ ଅର୍ଥନୈତିକ ଦିଗରୁ ସମ୍ଭବ ? ନିଶ୍ଚିତଭାବେ ସମ୍ଭବ। ପ୍ରତିଦ୍ୱନ୍ଦ୍ୱୀ ପୁଞ୍ଜିକୁ ଅର୍ଥନୈତିକ ଭାବରେ ନିର୍ଭରଶୀଳ କରିବା, ତାର କଂଚାମାଲର ଉତ୍ସଗୁଡିକୁ ଦଖଲ କରିବା ଏବଂ ଏହିଭଳି ଭାବରେ ତାର ସମସ୍ତ ଶିଳ୍ପଗୁଡିକୁ ଗ୍ରାସ କରିବା ମଧ୍ୟଦେଇ ହିଁ ଏହା କରାହୋଇଥାଏ।

ମାର୍କିନ ଟ୍ରଷ୍ଟଗୁଡିକ ହିଁ ସାମ୍ରାଜ୍ୟବାଦ ଅଥବା ଏକଚାଟିଆ ପୁଞ୍ଜିବାଦକୁ ସର୍ବଶ୍ରେଷ୍ଠ ରୂପରେ ଚିହ୍ନିତ କରୁଛି। ପ୍ରତିଦ୍ୱନ୍ଦ୍ୱୀ ମାନଙ୍କୁ ନିଶ୍ଚିହ୍ନ କରିଦେବା ପାଇଁ ସେମାନେ ଯେଉଁ ସବୁ ନାନା ଧରଣର କୌଶଳ ଅବଲମ୍ବନ କରନ୍ତି ସେଗୁଡିକୁ କେବଳ ଅର୍ଥନୈତିକ ଦିଗରେ ହିଁ ସୀମାବଦ୍ଧ ରଖନ୍ତି ନାହିଁ- ସେମାନେ ପ୍ରତିନିୟତ ରାଜନୈତିକ ଏପରିକି ଅପରାଧମୂଳକ ଅପକର୍ମର ଆଶ୍ରୟ ନିଅନ୍ତି। ଏହି ଟ୍ରଷ୍ଟଗୁଡିକ କେବଳମାତ୍ର ନାନା ଅର୍ଥନୈତିକ କୌଶଳ ପ୍ରୟୋଗ କରି ସେମାନଙ୍କର ଏକଚାଟିଆ ଆଧିପତ୍ୟ କାୟେମ କରି ପାରିବେ ନାହିଁ, ଏଭଳି ଭାବିଲେ ଚୂଡାନ୍ତ ଭାବେ ଭୁଲ ହେବ। ଏହା ଯେ ବାସ୍ତବରେ ସମ୍ଭବ ତାର ଯଥେଷ୍ଟ ପ୍ରମାଣ ମିଳିଛି। ଟ୍ରଷ୍ଟଗୁଡିକୁ ବ୍ୟାଙ୍କ ସମୂହ(ଟ୍ରଷ୍ଟର ମାଲିକମାନେ ସେୟାର କିଣି କିଣି ଧିରେ ଧିରେ ବ୍ୟାଙ୍କର ମାଲିକ ହୋଇଯାଆନ୍ତି) ନିୟନ୍ତ୍ରଣ କରିବା ମଧ୍ୟଦେଇ ପ୍ରତିଦ୍ୱନ୍ଦ୍ୱୀ ମାନଙ୍କ ଦ୍ୱାରା ନିୟୋଜିତ ପୁଞ୍ଜିକୁ କ୍ରମାଗତ ଦୁର୍ବଳ କରନ୍ତି। ସେମାନଙ୍କ କଂଚାମାଲ ସରବରାହକୁ ହ୍ରାସ କରିଦିଅନ୍ତି(ସେୟାର କିଣିବା ମାଧ୍ୟମରେ ଟ୍ରଷ୍ଟ ମାଲିକମାନେ ରେଳପଥର ମାଲିକ ହୋଇଯାଆନ୍ତି) କୌଣସି କୌଣସି ପ୍ରତିଦ୍ୱନ୍ଦ୍ୱୀକୁ ବରବାଦ କରିଦେବାପାଇଁ ଲକ୍ଷ ଲକ୍ଷ ଟଙ୍କା କ୍ଷତି କରି ମଧ୍ୟ ସେମାନେ ଶସ୍ତାରେ ପଣ୍ୟ ବିକ୍ରି କରନ୍ତି ଏବଂ ଶେଷ ପର୍ଯ୍ୟନ୍ତ ସେମାନଙ୍କର ଶିଳ୍ପ କାରଖାନାର କଂଚାମାଲର ଉତ୍ସ(ଖଣି, ଜମି ପ୍ରଭୃତି) କିଣି ନିଅନ୍ତି।

ଏହିଭଳି ଭାବରେ କେବଳମାତ୍ର ଅର୍ଥନୈତିକ ବିଶ୍ଳେଷଣ ମଧ୍ୟଦେଇ ଟ୍ରଷ୍ଟ ଗୁଡିକର କ୍ଷମତା ଏବଂ ସେମାନଙ୍କର ସଂପ୍ରସାରଣ ସମ୍ବନ୍ଧରେ ବୁଝି ହେଉଛି। ଆହୁରି ମଧ୍ୟ ବୁଝିହେଉଛି ଯେ, କିଭଳି ଭାବେ ସେମାନେ କାରଖାନା, କଂଚାମାଲର ଉତ୍ସ ପ୍ରଭୃତି କିଣିନେବା ଦ୍ୱାରା ସଂପୂର୍ଣ୍ଣ ଅର୍ଥନୈତିକ ରାସ୍ତାରେହିଁ ନିଜର ସଂପ୍ରସାରଣ ଘଟାଇଚାଲିଛନ୍ତି। ଗୋଟିଏ ଦେଶର ବୃହତ ଲଗ୍ନିପୁଞ୍ଜି ରାଜନୈତିକ ଭାବରେ ସ୍ୱାଧିନ ଅନ୍ୟ କୌଣସି ଦେଶର ପ୍ରତିଦ୍ୱନ୍ଦ୍ୱୀ ପୁଞ୍ଜିଗୁଡିକୁ ଏହିଭଳି ଭାବରେ ଗ୍ରାସକରି ଦେଇପାରନ୍ତି ଏବଂ ପ୍ରତିନିୟତ ତାହା କରୁଥାନ୍ତି। ଏହା ସଂପୂର୍ଣ୍ଣ ଅର୍ଥନୈତିକ ଭାବରେ କରିବା ହିଁ ସମ୍ଭବ। ରାଜନୈତିକ ଭାବରେ କୌଣସି ଦେଶ ଅଧିକାର ନକରି ମଧ୍ୟ ଅର୍ଥନୈତିକ ଭାବରେ ସଂପୂର୍ଣ୍ଣ ଅଧିକାର କରିନେବା ସମ୍ଭବ ଏବଂ ତାହା ବ୍ୟାପକ ଭାବରେ କରାହେଉଥାଏ। ସାମ୍ରାଜ୍ୟବାଦ ବିଷୟ ନାନା ପତ୍ରପତ୍ରିକାରେ ଏ ଧରଣର ଉଲ୍ଲେଖ ପ୍ରାୟ ଦେଖାଯାଏ। ଯେଭଳି ଆର୍ଜେଣ୍ଟିନା ବାସ୍ତବରେ ବ୍ରିଟେନର ଏକ ବାଣିଜ୍ୟିକ ଉପନିବେଶ, ବା ପର୍ତ୍ତୁଗାଲ ବାସ୍ତବରେ ବ୍ରିଟେନ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ଇତ୍ୟାଦି। ବାସ୍ତବରେ ଏଗୁଡିକ ତାହା ହିଁ ବ୍ରିଟେନ ପାଖରୁ ଋଣ, ବ୍ରିଟେନର ବ୍ୟାଙ୍କ ଗୁଡିକ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳତା, ରେଳ ପଥ, ଖଣି ଏବଂ ଜମି ଉପରେ ବ୍ରିଟେନର ମାଲିକାନା ପ୍ରଭୃତି ମାଧ୍ୟମରେ ଏହି ଦେଶଗୁଡିକର ରାଜନୈତିକ ସ୍ୱାଧୀନତା ହରଣ ନକରି ମଧ୍ୟ ଅର୍ଥନୈତିକ ଦିଗରୁ ବ୍ରିଟେନ ଏହି ଦେଶଗୁଡିକ ଉପରେ ଅଧିକାର କାୟେମ କରିବାର କ୍ଷମତା ଅର୍ଜନ କରିଛି। ଜାତୀୟ ଆତ୍ମନିୟନ୍ତ୍ରଣ କହିଲେ ରାଜନୈତିକ ସ୍ୱାଧୀନତାକୁ ବୁଝାଏ, ସାମ୍ରାଜ୍ୟବାଦ ଏହି ରାଜନୈତିକ ସ୍ୱାଧୀନତାକୁ ଖର୍ବ କରିବାକୁ ଚାହେଁ। ତା'ର କାରଣ ହେଉଛି, ରାଜନୈତିକ ଦଖଲଦାରୀ ରହିଲେ ଅର୍ଥନୈତିକ ଆଧିପତ୍ୟ ବିସ୍ତାର ଅଧିକ ସହଜ, ଶସ୍ତା, ଅଧିକ ସୁବିଧାଜନକ ଏବଂ ଅନାୟାସଲବ୍ଧ ହୋଇଯାଏ। ଯେଭଳି, ଉଚ୍ଚ ପଦାଧିକାରୀ ମାନଙ୍କୁ ଲାଞ୍ଚ ଦେଇ କିଣି ନେବା, ନାନା ସୁଯୋଗ ସୁବିଧା ଆଦାୟ କରିବା, ସୁବିଧାଜନକ ଆଇନ ପ୍ରଣୟନ କରାଇନେବା ପ୍ରଭୃତି। ସେହି କାରଣରୁ ସାମ୍ରାଜ୍ୟବାଦ ଗଣତନ୍ତ୍ର ପରିବର୍ତ୍ତେ ଖୁବ୍ ଅଳ୍ପ ସଂଖ୍ୟକ ବ୍ୟକ୍ତିମାନଙ୍କ ଶାସନ ପ୍ରତିଷ୍ଠା କରିବାକୁ ଚାହେଁ।

ସାମ୍ରାଜ୍ୟବାଦ ହେଉଛି ପୁଞ୍ଜିବାଦର ବିକାଶର ସର୍ବୋଚ୍ଚ ସ୍ତର ଏବଂ ବିଂଶ ଶତାବ୍ଦୀରେ ହିଁ ପୁଞ୍ଜିବାଦ ସେହି ସ୍ତରରେ ଉପନୀତ ହୋଇଛି। ପୂର୍ବତନ ଜାତୀୟ ରାଷ୍ଟ୍ର- ଯାହା ଗଢି ନଉଠିଲେ ସାମନ୍ତତନ୍ତ୍ରକୁ ଉଚ୍ଛେଦ କରିବା ସମ୍ଭବ ନଥିଲା, ସେଗୁଡିକ ଆଉ ପୁଞ୍ଜିବାଦ ପାଇଁ ଯଥେଷ୍ଟ ନୁହେଁ। ପୁଞ୍ଜିବାଦ କେନ୍ଦ୍ରୀକରଣକୁ ଏଭଳି ଭାବରେ ଗଢିତୋଳିଛି ଯେ, ଶିଳ୍ପର ସମସ୍ତ ଶାଖା-ପ୍ରଶାଖା ଗୁଡିକୁ ଧନକୁବେର ମାନଙ୍କର ସିଣ୍ଡିକେଟ, ଟ୍ରଷ୍ଟ ଓ ଆସୋସିଏସନ୍ ଅଧିକାର କରିଛି ଏବଂ ପୁଞ୍ଜିର ସମ୍ରାଟମାନେ ହୁଏତ ଉପନିବେଶ କରି ଅଥବା ଅନ୍ୟ ଦେଶଗୁଡିକୁ ଅର୍ଥନୈତିକ ଶୋଷଣର ହଜାର ରକମର ଜାଲରେ ଛନ୍ଦିଦେଇ ପ୍ରାୟ ସମଗ୍ର ବିଶ୍ୱକୁ ହିଁ ନିଜ ନିଜ ମଧ୍ୟରେ ଭାଗ କରିନେଇଛନ୍ତି। ସାମନ୍ତତନ୍ତ୍ର ବିରୁଦ୍ଧରେ ସଂଗ୍ରାମରତ ଯେଉଁ ପୁଞ୍ଜିବାଦ ଜାତୀୟ ମୁକ୍ତିଦାତା ଥିଲା, ସେହି ପୁଞ୍ଜିବାଦ ସାମ୍ରାଜ୍ୟବାଦୀ ଚରିତ୍ର ଅର୍ଜନ କରି ବର୍ତ୍ତମାନ ଜାତିର ସବୁଠାରୁ ବଡ ଉତ୍ପୀଡକରେ ପରିଣତ ହୋଇଛି। ପୂର୍ବରୁ ଯେଉଁ ପୁଞ୍ଜିବାଦ ପ୍ରଗତିଶୀଳ ଥିଲା, ଆଜି ସେହି ପୁଞ୍ଜିବାଦ ପ୍ରତିକ୍ରିୟାଶୀଳ। ଆଜି ଏହି ପୁଞ୍ଜିବାଦ ଉତ୍ପାଦିକା ଶକ୍ତିକୁ ଏଭଳି ଗୋଟିଏ ସ୍ତରକୁ ଉନ୍ନିତ କରିଛି ଯେ, ଉପନିବେଶ ସୃଷ୍ଟି, ଏକଚାଟିଆ ବ୍ୟବସ୍ଥା, ନାନା ସୁବିଧା ସୁଯୋଗ ଏବଂ ଜାତି ଉପରେ ସମସ୍ତ ପ୍ରକାର ଉତ୍ପୀଡନ ମାଧ୍ୟମରେ ପୁଞ୍ଜିବାଦକୁ କୃତ୍ରିମ ଭାବରେ ବଂଚାଇ ରଖିବାକୁ ଯାଇ ମାନବସମାଜକୁ ହୁଏତ ବର୍ଷ ପରେ ବର୍ଷ, ଏପରିକି କେତେ ଦଶନ୍ଧିଧରି 'ବୃହତ ଶକ୍ତିଗୁଡିକର' ସଶସ୍ତ୍ର ସଂଗ୍ରାମର ଯନ୍ତ୍ରଣା ଭୋଗ କରିବାକୁ ହେବ, ନଚେତ୍ ଏହାର ବିକଳ୍ପ ହିସାବରେ ସମାଜତନ୍ତ୍ର ଆଡକୁ ଯିବାକୁ ହେବ। ★★★

# ଟ୍ରେଡ୍ ୟୁନିୟନମାନଙ୍କ ସଂପର୍କରେ ସଂପ୍ରତି ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ମନ୍ତବ୍ୟ ଉପରେ ଏଆଇୟୁଟିୟୁସିର ପ୍ରତିକ୍ରିୟା

ଦେଶରେ ଶିଳ୍ପ ବିକାଶକୁ ଟ୍ରେଡ୍‌ୟୁନିୟନ ମାନେ ବନ୍ଦ କରୁଛନ୍ତି ବୋଲି ସଂପ୍ରତି ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଦେଇଥିବା ମନ୍ତବ୍ୟ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଏଆଇୟୁଟିୟୁସିର ସାଧାରଣ ସଂପାଦକ କମ୍ରେଡ୍ ଶଙ୍କର ଦାସଗୁପ୍ତ ଜାନୁଆରୀ ୩୦ତାରିଖରେ ନିମ୍ନୋକ୍ତ ବିବୃତି ଜାରୀ କରିଛନ୍ତି।

ସଂପ୍ରତି ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତି ଟ୍ରେଡ୍ ୟୁନିୟନମାନେ ଦେଶର ଶିଳ୍ପ ଅଭିବୃଦ୍ଧିକୁ ବନ୍ଦ କରୁଛନ୍ତି ବୋଲି ଶ୍ରମିକ ଓ ଟ୍ରେଡ୍‌ୟୁନିୟନ ମାନଙ୍କ ଉପରେ ଆକ୍ଷେପ କରି ପ୍ରଦାନ କରିଥିବା ଦାୟିତ୍ୱହୀନ ମନ୍ତବ୍ୟକୁ ଏଆଇୟୁଟିୟୁସି ସର୍ବଭାରତୀୟ କମିଟି ତୀବ୍ର ନିନ୍ଦା କରୁଛି।

ଜାନୁଆରୀ ୨୯ତାରିଖରେ ଗୋଟିଏ ଜନସ୍ୱାର୍ଥ ସମ୍ବଳିତ ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଥିଲେ। ଏହି ମନ୍ତବ୍ୟ ସୁସ୍ପଷ୍ଟ ଭାବରେ ଏକଚାଟିଆ ପୁଞ୍ଜିପତି ମାନଙ୍କ ସ୍ୱାର୍ଥରେ କାମକରୁଥିବା ସରକାରଙ୍କ ମନ୍ତବ୍ୟ ଅନୁରୂପ ଏବଂ ମୁଖ୍ୟ ବିଚାରପତି ଚୌକି ପାଇଁ ଉପଯୁକ୍ତ ନୁହେଁ। ଏହା ଆମ ଭଳି ଏକ ପୁଞ୍ଜିବାଦୀ ଦେଶରେ ବିଚାର ବିଭାଗର ମାଲିକ ସପକ୍ଷବାଦୀ ଶ୍ରେଣୀ ଚରିତ୍ରକୁ ସ୍ପଷ୍ଟ ଭାବେ ପ୍ରମାଣିତ କରୁଛି। ଆମ ଦେଶରେ ରାଷ୍ଟ୍ର କ୍ଷମତାରେ ଅଧିଷ୍ଠିତ ପୁଞ୍ଜିବାଦୀ ଶ୍ରେଣୀର ସେବାଦାସ ସରକାର ବିରୁଦ୍ଧରେ ଶକ୍ତିଶାଳୀ ମିଳିତ ଆନ୍ଦୋଳନ ଗଢିତୋଳିବା ପାଇଁ ଏ ସଂପର୍କରେ ଶ୍ରମଜୀବୀ ଜନସାଧାରଣ ସଚେତନ ହେବା ଉଚିତ।

ମୁଖ୍ୟ ବିଚାରପତିଙ୍କ ମନ୍ତବ୍ୟ ମଧ୍ୟ କେନ୍ଦ୍ରୀୟ ସରକାର ପ୍ରଦାନ କରିଥିବା ପରିସଂଖ୍ୟାନ ପରିପ୍ରେକ୍ଷୀରେ ସଠିକ ନୁହେଁ। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଅନୁଯାୟୀ ଗତ ୫ବର୍ଷ ମଧ୍ୟରେ ମାତ୍ର ୧୦୦ଟି ଶିଳ୍ପ ବିବାଦ ଘଟଣା ଘଟିଥିଲାବେଳେ ସେହି ସମୟ ମଧ୍ୟରେ ମାଲିକ ମାନଙ୍କ ପାଇଁ ବନ୍ଦ ହୋଇଥିବା ଶିଳ୍ପ ସଂଖ୍ୟା ୪୦,୦୦୦ରୁ ଯଥେଷ୍ଟ ଅଧିକ।

ଇତିମଧ୍ୟରେ କେତେକ ରାଜ୍ୟ ସରକାର ପରିଚାରିକା ମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରିତ କରିଛନ୍ତି ଏବଂ ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ କେନ୍ଦ୍ର ସରକାର ପଦକ୍ଷେପ କରିବାକୁ ବର୍ଷ ବର୍ଷ ଧରି ଅସ୍ୱୀକାର କରି ଆସୁଥିଲେ ମଧ୍ୟ ପରିଚାରିକା ଭାବରେ କାମକରୁଥିବା ଶ୍ରମିକ ମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ କରିବାର ଆବଶ୍ୟକତା ନାହିଁ ବୋଲି ମଧ୍ୟ ମୁଖ୍ୟ ବିଚାରପତି କହିଛନ୍ତି। ମୁଖ୍ୟବିଚାରପତିଙ୍କ ମନ୍ତବ୍ୟ ଦରିଦ୍ର ପରିଚାରିକା ମାନଙ୍କ ପାଇଁ ନିଚ୍ଛକ ଅବମାନନା। କଷ୍ଟକର ସଂଗ୍ରାମ ମାଧ୍ୟମରେ ଅର୍ଜିତ ୨୯ଟି ଶ୍ରମ ଆଇନକୁ ରଦ୍ଦ କରି ଶ୍ରମିକ ବିରୋଧି, ଜନବିରୋଧି ଏବଂ ଏକଚାଟିଆ ପୁଞ୍ଜିପତିମାନଙ୍କ ସ୍ୱାର୍ଥରକ୍ଷାକାରୀ ୪ଟି କଳା ଶ୍ରମକୋର୍ଡ ବାତିଲ ଦାବିରେ ଏଆଇୟୁଟିୟସି ସମେତ ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ମିଳିତ ମଂଚ ଆସନ୍ତା ଫେବୃୟାରୀ ୧୨ତାରିଖରେ ଦେଶବ୍ୟାପୀ ସାଧାରଣ ଧର୍ମଘଟର ଡାକରା ଦେଇଛନ୍ତି। କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମାନଙ୍କର ଧର୍ମଘଟ ଡାକରାକୁ କେନ୍ଦ୍ର ସରକାରଙ୍କ ବିରୋଧକୁ ମୁଖ୍ୟ ବିଚାରପତିଙ୍କର ଏହି ମନ୍ତବ୍ୟ ସ୍ପଷ୍ଟ ଭାବରେ ସମର୍ଥନ କରୁଛି।

ମୁଖ୍ୟ ବିଚାରପତିଙ୍କର ଶ୍ରମିକ ବିରୋଧି, ଟ୍ରେଡ୍ ୟୁନିୟନ ବିରୋଧି, ସରକାର ସପକ୍ଷବାଦୀ ଏବଂ ମାଲିକ ସ୍ୱାର୍ଥରକ୍ଷାକାରୀ ମନ୍ତବ୍ୟକୁ ପ୍ରତ୍ୟାଖ୍ୟାନ କରିବା ସଙ୍ଗେ ସଙ୍ଗେ ଫେବୃୟାରୀ ୧୨ତାରିଖ ସାଧାରଣ ଧର୍ମଘଟକୁ ସର୍ବୋତ୍ତମ ଭାବରେ ସଫଳ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଗ୍ରହଣ କରିବା ପାଇଁ ଆମେ ଦେଶର ଶ୍ରମିକମାନଙ୍କ ସମେତ ଜନସାଧାରଣଙ୍କୁ ଆହ୍ୱାନ ଦେଉଛୁ। ★

# ଭିବିଜି-ରାମଜୀ ଆଇନ ଗ୍ରାମୀଣ ଶ୍ରମିକମାନଙ୍କ ପାଖରୁ କାମ ଛଡାଇ ନେବାର ଏକ ପରିକଳ୍ପିତ ଯୋଜନା

ଗତ ଡିସେମ୍ବର ୧୬ତାରିଖ ଦିନ କେନ୍ଦ୍ର ବିଜେପି ପରିଚାଳିତ ଏନ୍‌ଡିଏ ସରକାର ସଂସଦରେ "ଭିବିଜି- ରାମ ଜୀ" ବିଲ ଆଗତ କରି ଅତି ତରବରିଆ ଭାବେ ଗୃହୀତ କରାଇଛନ୍ତି। ପୂର୍ବରୁ ଥିବା ମହାତ୍ମା ଗାନ୍ଧୀ ନେସନାଲ ରୁରାଲ ଏମ୍ପ୍ଲୟେମେଣ୍ଟ ଗ୍ୟାରେଣ୍ଟି ବା 'ମନେରଗା' ଆଇନର କେବଳ ନାମ ପରିବର୍ତ୍ତନ ହୋଇନାହିଁ, ଏକ ସଂପୂର୍ଣ୍ଣ ନୂତନ ଆଇନ ପ୍ରଣୟନ ହୋଇଛି। ସଂକ୍ଷେପରେ ଏହି ନୂତନ ଆଇନର କିଛି ଦିଗ ସଂପର୍କରେ ଆଲୋଚନା କରାଯାଉ।

ପ୍ରଥମତଃ, 'ମନେରଗା' ଆଇନରେ ଗ୍ରାମାଂଚଳର ଗରିବ ଲୋକମାନଙ୍କୁ କାମ ଦେବାର ଯେଉଁ ଆଇନଗତ ଅଧିକାର କଥାରେ ହେଲେ ବି କୁହାଯାଇଥିଲା ତାହା ମଧ୍ୟ ଏହି ଆଇନରେ ବାତିଲ କରି ଦିଆଯାଇଛି। କାମ ଦେବାର 'ନିଶ୍ଚୟତା' କେବଳ ଭାଷଣରେ କୁହାଯାଇଛି। ମନରେଗା ଚାଲୁ ହେବା ପୂର୍ବରୁ ୨୦୦୫ ମସିହାରେ 'ଗ୍ରାମୀଣ କର୍ମ ସଂସ୍ଥାନ ନିଶ୍ଚୟତା ପ୍ରକଳ୍ପ' ଥିଲା। ତେବେ ଏହି ପ୍ରକଳ୍ପ ଦେଶର ଗ୍ରାମାଂଚଳର ଅଧିକାଂଶ ଗରିବ ଲୋକମାନଙ୍କୁ ହାରାହାରି ବର୍ଷକୁ ୧୦ଦିନ ବି କାମ ଦେଇ ପାରିନଥିଲା। କିନ୍ତୁ ନିଶ୍ଚୟତା ଉପରେ ଖୁବ୍ ଜୋର ଦେଇ କହିଥିଲା ନୂଆ ଆଇନରେ ମଧ୍ୟ ବର୍ଷକୁ ୧୨୫ଦିନ କାମ ଦେବାର ନିଶ୍ଚୟତା କଥା କୁହାଯାଇଛି। ତେବେ ଏହି ଆଇନରେ ଯେଉଁ ପ୍ରାବଧାନ ସବୁ ରହିଛି ସେଗୁଡ଼ିକୁ ବ୍ୟାଖ୍ୟା କଲେ ସ୍ପଷ୍ଟ ବୁଝାପଡୁଛି, ନିଶ୍ଚୟତା ନାଁରେ କାମ ମିଳିବାର ଅନିଶ୍ଚୟତା ବୃଦ୍ଧି କରିବାର ଏକ 'ବଡ ଷଡଯନ୍ତ୍ର' ଛଡା ଏହା ଆଉ କିଛି ନୁହେଁ। ବାସ୍ତବରେ ସେହି ପ୍ରତାରଣାମୂଳକ ପୁରୁଣା ଆଇନ 'ଗ୍ରାମୀଣ କର୍ମସଂସ୍ଥାନ ନିଶ୍ଚୟତା' ପ୍ରକଳ୍ପର ନିୟମ ଗୁଡିକୁ ଚତୁରତାର ସହ ଏହି ନୂତନ ଆଇନରେ ଅଣାଯାଇଛି।

ଦ୍ୱିତୀୟତଃ, ଏହି ପ୍ରକଳ୍ପ ସଂକ୍ରାନ୍ତୀୟ ସମସ୍ତ ସିଦ୍ଧାନ୍ତ ନେବାର ଅଧିକାର କେନ୍ଦ୍ର ସରକାରଙ୍କ ହାତରେ ରହିଛି ଓ ରାଜ୍ୟ ସରକାରମାନଙ୍କର ଭୂମିକାକୁ ସଂପୂର୍ଣ୍ଣ ସୀମିତ କରାଯାଇଛି। ଏହାର ଅର୍ଥ ହେଲା, ପ୍ରତ୍ୟେକ ଆର୍ଥିକ ବର୍ଷରେ କେଉଁ ରାଜ୍ୟକୁ କେତେ ପରିମାଣର କାର୍ଯ୍ୟ ବଣ୍ଟନ କରାଯିବ ତାହା କେନ୍ଦ୍ର ସରକାର ନିର୍ଦ୍ଧାରଣ କରିବେ। ମନେରଗାରେ ଥିବା ପରିବାର ଭିତ୍ତିକ କାମ ପାଇବାର ଆଇନଗତ ଦାବି ଉଠାଇ ଦିଆଯାଇଛି। ଏହା ପରିବର୍ତ୍ତେ କେନ୍ଦ୍ର ସରକାରଙ୍କ ଇଚ୍ଛାନୁସାରେ କାମର ବଣ୍ଟନ ବ୍ୟବସ୍ଥା ରହିଛି, ଅର୍ଥାତ୍ କେଉଁ ରାଜ୍ୟରେ କେଉଁ ଅଂଚଳରେ କେଉଁ ସମୟରେ କେତେ କାମ ହେବ ତାହା କେନ୍ଦ୍ର ସରକାରଙ୍କ ଅମଲା ମାନେ ସ୍ଥିର କରିବେ।

ତୃତୀୟତଃ, ମନେରଗା ଯୋଜନାରେ ଶତକଡା ୯୦ଭାଗ ଆର୍ଥିକ ଦାୟିତ୍ୱ କେନ୍ଦ୍ର ସରକାରଙ୍କ ଥିଲା। ମାତ୍ର ବର୍ତ୍ତମାନର ନୂତନ ଆଇନରେ କେନ୍ଦ୍ର ସରକାର ୬୦ ଶତାଂଶ ଆର୍ଥିକ ଦାୟିତ୍ୱ ପାଳନ କରିବେ, ବାକି ୪୦ ଶତାଂଶ ଦାୟିତ୍ୱ ରାଜ୍ୟ ସରକାର ବହନ କରିବେ। ଅର୍ଥାତ୍ ରାଜ୍ୟ ସରକାରଙ୍କ ଆର୍ଥିକ କ୍ଷମତା ନଥିଲେ କିମ୍ବା କେନ୍ଦ୍ର ନିଜର ଅଂଶ ଅର୍ଥ ଦେବାରେ ପାତର ଅନ୍ତର କଲେ କାମ ହେବ ନାହିଁ। କୌଣସି ରାଜ୍ୟ ଯଦି ତା'ର ନିର୍ଦ୍ଧାରିତ ଅର୍ଥ ଦେଇ ନପାରନ୍ତି, ତେବେ ସେହି ରାଜ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ ନାହିଁ। ରାଜ୍ୟ ମୁଣ୍ଡରେ ଆର୍ଥିକ ବୋଝ ଚାପି ଦେଇ କାମ ମିଳିବାର ବିଷୟକୁ ସଂପୂର୍ଣ୍ଣ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇ ଏହି ପ୍ରକଳ୍ପକୁ ନିଷ୍କ୍ରିୟ କରିଦେବାର ପରିକଳ୍ପିତ ଯୋଜନା ଏହି ନୂତନ ଆଇନରେ ଜଳ ଜଳ ଦେଖାଯାଉଛି।

ଚତୁର୍ଥତଃ, ମନେରଗାରେ ଥିଲା, ଯଦି କର୍ତ୍ତୃପକ୍ଷ କାମ ସରିବା ପରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶ୍ରମିକମାନଙ୍କୁ ମଜୁରୀ ପରିଶୋଧ କରିନପାରନ୍ତି, ତେବେ କ୍ଷତିପୂରଣ ଦେବାକୁ ହେବ। ଯଦିଓ ଏକଥା ଆଇନ ପରିସର ମଧ୍ୟରେ ହିଁ ସୀମାବଦ୍ଧ ଥିଲା। ତେବେ ଏହି ଘୋଷଣାଟିକୁ ମଧ୍ୟ ଉକ୍ତ ଆଇନରେ ବାତିଲ କରିଦିଆଯାଇଛି। ଖାଲି ସେତିକି ନୁହେଁ, ମନରେଗା ଯୋଜନାରେ ହାରାହାରି ଦୈନିକ ମଜୁରି ଥିଲା ୨୬୦ଟଙ୍କା। ଏହି ଆଇନରେ ସେଥିରେ ପଇସାଏ ମଧ୍ୟ ବୃଦ୍ଧି କରାଯାଇ ନାହିଁ। ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରି ଓ ସୁପ୍ରିମକୋର୍ଟ ନିର୍ଦ୍ଦେଶିତ ଦୈନିକ ମଜୁରି ପ୍ରଦାନକୁ ମଧ୍ୟ ଗ୍ରହଣ କରାଯାଇ ନାହିଁ। କହିବାବାହୁଲ୍ୟ ଯେତେବେଳେ ଦରଦାମ ଭୟଙ୍କର ଭାବେ ବୃଦ୍ଧି ପାଉଛି ଓ ସାଧାରଣ ଲୋକଙ୍କ ବଂଚିବା ଦିନକୁ ଦିନ ଦୁର୍ବିସହ ହୋଇ ପଡୁଛି, ସେତେବେଳେ ଏହି ସାମାନ୍ୟ ମଜୁରି (ତା' ପୁଣି ଅନିଶ୍ଚିତ) ଦେଇ ବାହାସ୍ଫୋଟ ମାରିବା ଖାଲି ପ୍ରହସନ ନୁହେଁ, ଅତ୍ୟନ୍ତ ଅମାନବିକ ମଧ୍ୟ।

କୁହାଯାଇଛି, ବର୍ଷକୁ ୧୨୫ଦିନ କାମର ନିଶ୍ଚୟତା ମିଳିବ। ତେବେ ପୂର୍ବବର୍ତ୍ତୀ ଯୋଜନା ଗୁଡିକରେ କିଭଳି ଏହି 'ନିଶ୍ଚୟତା' କାର୍ଯ୍ୟକାରୀ ହୋଇଛି ତାହା ସମସ୍ତଙ୍କୁ ଜଣା। ଆହୁରି ମଧ୍ୟ କୁହାଯାଇଛି, ରାଜ୍ୟର କେଉଁ ଗ୍ରାମୀଣ ଅଂଚଳରେ କେଉଁ ସମୟରେ କେତେ କାମ ହେବ, ତାହା କେନ୍ଦ୍ର ସରକାର ଠିକ କରିବେ। ଏଥିରୁ ଏହା ସ୍ପଷ୍ଟ ହୋଇଗଲା, କେନ୍ଦ୍ର ସରକାର ଯେଉଁ ଅଂଚଳ ଠିକ କରିବେ, କେବଳମାତ୍ର ସେଠି କାମ ହେବ, ଅନ୍ୟ ଅଂଚଳରେ ଶ୍ରମିକମାନେ କାମ ପାଇବାରୁ ବଂଚିତ ହେବେ। ଏଥିରୁ ସହଜରେ ଅନୁମେୟ, ଭୋଟ ସର୍ବସ୍ୱ ରାଜନୈତିକ ଦଳ ବିଶେଷକରି ଶାସକ ଦଳର ରାଜନୈତିକ ହସ୍ତକ୍ଷେପ ଓ କର୍ତ୍ତୃତ୍ୱ କିଭଳି ଶକ୍ତିଶାଳୀ ହେବ ତା'ର ବ୍ୟବସ୍ଥା ହିଁ ଏହି ଆଇନରେ କରିଦିଆଯାଇଛି।

ବିକଶିତ ଭାରତର ସ୍ଲୋଗାନ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାର ବିଶେଷଣ ହୋଇଯାଇଛି। ତେବେ ଏହି 'ବିକାଶ'ର ବାସ୍ତବ ଚିତ୍ର ଜନଗଣଙ୍କ ସାମ୍ନାରେ ଅସ୍ପଷ୍ଟ ନୁହେଁ। ଆଜି ଦେଶରେ କ୍ଷେତ ମଜଦୁର, ଗ୍ରାମୀଣ ଖଟିଖିଆ ଶ୍ରମିକ ବର୍ଷ ସାରା କାମ ପାଇବା ଏବଂ ସର୍ବନିମ୍ନ ସାଧାରଣ ମଜୁରି ପାଇବାରୁ ବଂଚିତ ହେବା ଏକ ସ୍ଥାୟୀ ସମସ୍ୟା ଓ ଏହା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଦେଶର ୬୫ ଭାଗରୁ ଊର୍ଦ୍ଧ୍ୱ ଲୋକ କୃଷି ସହିତ ଯୁକ୍ତ ଓ ଏହା ମଧ୍ୟରୁ ୧୪ ଶତାଂଶରୁ ଊର୍ଦ୍ଧ୍ୱ କ୍ଷେତମଜଦୂର ବା ଗ୍ରାମୀଣ ଶ୍ରମିକ। ଅର୍ଥାତ୍ ଗ୍ରାମାଂଚଳରେ ପ୍ରାୟ ୫୦କୋଟିରୁ ଅଧିକ ଖଟିଖିଆ ଲୋକ ଅଛନ୍ତି ଯେଉଁମାନଙ୍କୁ ଉପଯୁକ୍ତ ଖାଦ୍ୟ ମିଳିବା ତ ଦୂରର କଥା, ଏପରିକି ଅର୍ଦ୍ଧାହାର-ଅନାହାରରେ ଦିନ କାଟିବାକୁ ପଡେ, ବିନା ଚିକିତ୍ସାରେ ରହିବାକୁ ପଡେ। ଏହି ପରିସ୍ଥିତିରେ ଧାରାବାହିକ ଆନ୍ଦୋଳନ ଚାପରେ ୨୦୦୫ ମସିହାରେ ମନରେଗା ଚାଲୁ କରିବାକୁ ତତ୍‌କାଳୀନ ସରକାର ବାଧ୍ୟ ହୋଇଥିଲେ। ବିଭିନ୍ନ ମହଲରୁ ଦାବି ହେଉଥିଲା, ଏହି ଯୋଜନାରେ ବ୍ୟୟ ବରାଦ ବୃଦ୍ଧି କରି କତିକମ୍‌ରେ ବର୍ଷକୁ ୨୮୦ଦିନ ଓ ଦିନକୁ ସର୍ବନିମ୍ନ ୬୦୦ଟଙ୍କା ମଜୁରୀ ଦେବାପାଇଁ। ମାତ୍ର ସରକାର ଏହି ଦାବିକୁ କର୍ଣ୍ଣପାତ ନକରି କ୍ରମାଗତ ବ୍ୟୟ ହ୍ରାସ କରୁଥିଲେ। କେନ୍ଦ୍ର ବିଜେପି ସରକାର ପ୍ରତି ବଜେଟରେ ଏ କ୍ଷେତ୍ରରେ ବ୍ୟୟବରାଦ ହ୍ରାସ କରିଆସୁଥିଲେ ଓ ବର୍ତ୍ତମାନ ସଂପୂର୍ଣ୍ଣ ଜନବିରୋଧୀ ଭିବିଜି-ରାମ ଜୀ ଆଇନ ପ୍ରଣୟନ କରିଛନ୍ତି। ଗରିବ ଲୋକଙ୍କୁ କାମ ଦେବାପାଇଁ ସରକାରଙ୍କ ପାଖରେ ଅର୍ଥ ନାହିଁ, ମାତ୍ର ପୁଞ୍ଜିପତିମାନଙ୍କୁ ପ୍ରାୟ ୨୦ଲକ୍ଷ କୋଟି ବ୍ୟାଙ୍କ ଋଣ ଏ ସରକାର ଛାଡ କରିଦେଇଛନ୍ତି ତଥା ବିଭିନ୍ନ ପ୍ରକାର ଟିକସ ଛାଡ କରୁଛନ୍ତି ଓ ନାନା ଆର୍ଥିକ ସୁବିଧା ସୁଯୋଗ ଦେଇଚାଲିଛନ୍ତି। ଦେଶର ଜନଗଣଙ୍କର କଷ୍ଟାର୍ଜିତ ଅର୍ଥରେ ଗଠିତ ରାଜକୋଷରୁ କୋଟି କୋଟି ଟଙ୍କା ଏମାନଙ୍କୁ ବିଭିନ୍ନ ଆକାରରେ ଦେଇଚାଲିଛନ୍ତି। ହେଲେ ଗରିବ ଲୋକଙ୍କୁ କାମ ଦେବା ପାଇଁ ଅର୍ଥ ଖର୍ଚ୍ଚ କରିବାରେ ଏ ସରକାର ପଛଘୁଞ୍ଚା ଦେଉଛନ୍ତି। ଏହି ପରିସ୍ଥିତିରେ ଗ୍ରାମାଂଚଳର ଶ୍ରମିକମାନଙ୍କ ନିକଟରେ ବଂଚିରହିବାକୁ ଶକ୍ତିଶାଳୀ ତୀବ୍ର ଓ ବ୍ୟାପକ ଧାରାବାହିକ ଆନ୍ଦୋଳନ ସଂଗଠିତ କରିବା ଛଡା ଅନ୍ୟକୌଣସି ରାସ୍ତା ନାହିଁ। ★

## ବାଙ୍ଗାଲୋର . . .

*(୫ମ ପୃଷ୍ଠାର ଅବଶିଷ୍ଟାଂଶ)*

ଜେଏନ୍‌ୟୁର ପୂର୍ବତନ ପ୍ରଫେସର ମୃଦୁଲା ମୁଖାର୍ଜୀ ଚେତାବନୀ ଦେଇ କହିଥିଲେ ଯେ DU ଏବଂ JNU ଭଳି ପ୍ରମୁଖ ପ୍ରତିଷ୍ଠାନ ଗୁଡ଼ିକୁ ସୁପରିକଳ୍ପିତ ଉପାୟରେ ଦୁର୍ବଳ କରିବା, ଶୈକ୍ଷିକ ଉତ୍କର୍ଷତା ପାଇଁ ଏକ ଶକ୍ତ ଆଘାତ। ସେ ସାମ୍ପ୍ରଦାୟୀକରଣ ପ୍ରସଂଗରେ କହିଥିଲେ ଐତିହାସିକ ସତ୍ୟକୁ ପୁନରୁଦ୍ଧାର କରିବା ପାଇଁ NCERT ପାଠ୍ୟପୁସ୍ତକଗୁଡ଼ିକର ଯାଂଚ କରିବାର ଜରୁରୀ ଆବଶ୍ୟକତା ରହିଛି। ଘରୋଇକରଣ ପ୍ରସଂଗରେ କହିଥିଲେ ଶିକ୍ଷାକୁ ଜନସାଧାରଣଙ୍କ ଅଧିକାରରୁ ଏହାକୁ ଏକ ବାଣିଜ୍ୟିକ ସାମଗ୍ରୀରେ ରୂପାନ୍ତରିତ କରାଯାଉଛି।

AIFUCTOର ସାଧାରଣ ସମ୍ପାଦକ ପ୍ରଫେସର ଅରୁଣ କୁମାର ଏନ୍‌ଇପିର ବିଭିନ୍ନ ମାରତ୍ମକ ଦିଗ ଉପରେ ଆଲୋକପାତ କରି ଶିକ୍ଷା ବଂଚାଅ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଆହ୍ୱାନ ଦେଇଥିଲେ। ଅଲ୍ ଇଣ୍ଡିଆ ସେଭ୍ ଏଜୁକେସନ୍ କମିଟି (AISEC)କୁ AIFUCTOର ପୂର୍ଣ୍ଣ ସମର୍ଥନ ଅଛି ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଉତ୍ତର ପୂର୍ବ ହିଲ୍ ବିଶ୍ୱବିଦ୍ୟାଳୟ (NEHU)ର ପ୍ରଫେସର ବାଟସ୍କେମ୍ ମୀରବୋ ଏବଂ ଶ୍ରୀକାନ୍ତ ଆଦିବାସୀ ଅଂଚଳରେ ଶିକ୍ଷା ନୀତିର ବିଫଳତା, ଡ୍ରପ ଆଉଟ୍, ସ୍କୁଲ ବନ୍ଦ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ।

କଲିକତା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଧ୍ରୁବଜ୍ୟୋତି ମୁଖୋପାଧ୍ୟାୟ ଜନ ସଂସଦର ମେମ୍ବର ମାନଙ୍କୁ ମନେ ପକାଇ ଦେଇଥିଲେ ଯେ ଶିକ୍ଷା ହେଉଛି ଦେଶର ମେରୁଦଣ୍ଡ। ଶିକ୍ଷା କ୍ଷେତ୍ରରେ ବୃଦ୍ଧି ପାଉଥିବା ଫିସ୍ ଏବଂ ଖର୍ଚ୍ଚ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଏହା ବିଶ୍ୱାସଘାତକତା ବୋଲି ଦର୍ଶାଇଥିଲେ। ପ୍ରସ୍ତାବିତ PEPର ଲକ୍ଷ୍ୟ ହେଉଛି: ଲୋକଙ୍କୁ ବଜାର ମାପଦଣ୍ଡ ବଦଳରେ ମାନବ ବିକାଶର କେନ୍ଦ୍ରରେ ସ୍ଥାନିତ କରିବା। ମାଗଣା, ସାର୍ବଜନୀନ ଶିକ୍ଷା ପ୍ରଦାନ କରିବା ପାଇଁ ରାଷ୍ଟ୍ର ଦାୟିତ୍ୱ ଦୃଢ଼ କରିବା। ବୈଜ୍ଞାନିକ ମନୋଭାବ ଏବଂ ଧର୍ମନିରପେକ୍ଷତାର ମୌଳିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା। ଶିକ୍ଷାକୁ ଏକ ସାର୍ବଜନୀନ ମଙ୍ଗଳ ଏବଂ ଯୁକ୍ତିଯୁକ୍ତ ଅନୁସନ୍ଧାନର ଏକ ଉପକରଣ ଭାବରେ ପୁନଃସ୍ଥାପନ କରିବା ପାଇଁ ଦେଶବ୍ୟାପୀ ଦୁର୍ବାର ଗଣତାନ୍ତ୍ରିକ ଆନ୍ଦୋଳନ ଗଢିତୋଳିବାକୁ ଆହ୍ୱାନ ଦେଇଥିଲେ।

ଶେଷରେ ଜନ ସଂସଦର ବାଚସ୍ପତି ପ୍ରଫେସର ସଚ୍ଚିଦାନନ୍ଦ ସିହ୍ନା ବିଭିନ୍ନ ଥିମାଟିକ୍ ଅଧିବେଶନରୁ ଆସିଥିବା ସଂଯୋଜନ ଗୁଡିକୁ ସଂସଦରେ ଆଗତ କରିଥିଲେ ଏବଂ ତାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏହି ଡ୍ରାଫ୍ଟକୁ ଚୂଡାନ୍ତ ରୂପ ଦେଇ ପ୍ରକାଶିତ କରିବା ପାଇଁ ଏହି ଜନ ସଂସଦ ଏକ ଯାଂଚ କମିଟି ସର୍ବସମ୍ମତିକ୍ରମେ ଗଠନ କରିଥିଲା। ଏଆଇଏସ୍‌ଇସିର ଉପସଭାପତି ଶ୍ରୀଯୁକ୍ତ ଦେବାଶିଷ ରାୟ ବାଙ୍ଗାଲୋର ଘୋଷଣାପତ୍ର ଉପସ୍ଥାପନ କରିଥିଲେ ଏବଂ ତାହା ସର୍ବସମ୍ମତିକ୍ରମେ ଗୃହୀତ କରାଯାଇଥିଲା। ଘୋଷଣାପତ୍ର ଅନୁଯାୟୀ ଆଗାମୀ ଦିନରେ ସରକାର ଶିକ୍ଷା ଧ୍ୱଂସକାରୀ ଏନ୍‌ଇପିକୁ ବାତିଲ କରି ଏହି ଜନ ଶିକ୍ଷାନୀତି (ପିଇପି-୨୦୨୬)କୁ ଦେଶରେ ଲାଗୁ କରିବାକୁ ଗାଁ, ବ୍ଲକ, ଜିଲ୍ଲା, ରାଜ୍ୟ ଏବଂ ସର୍ବୋପରି ସର୍ବଭାରତୀୟ ସ୍ତରରେ ସ୍ତରେ ସ୍ତରେ ଜନ ଆନ୍ଦୋଳନ ଗଢିତୋଳିବାକୁ ଆହ୍ୱାନ ଦିଆଯାଇଥିଲା।

ଏହି କାର୍ଯ୍ୟକ୍ରମରେ ହାମ୍ପି ବିଶ୍ୱବିଦ୍ୟାଳୟର ପୂର୍ବତନ ଭିସି ପ୍ରଫେସର ଏ ମୁରିଗେପ୍ପା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଜନ ସଂସଦରେ ଓଡିଶାରୁ ବଛାବଛା ୫୦ରୁ ଊର୍ଦ୍ଧ୍ୱ



ପ୍ରତିନିଧି ଯୋଗ ଦେଇ ବିଭିନ୍ନ ଥିମେଟିକ୍ ଅଧିବେଶନରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ। ଓଡିଶାରୁ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂହ, ପ୍ରଫେସର ଜବାହାର ନେସାନ, ପ୍ରଫେସର ଚନ୍ଦ୍ରଶେଖର ଚକ୍ରବର୍ତ୍ତୀ, ପ୍ରଫେସର ଆର ମହାଲକ୍ଷ୍ମୀ, ପ୍ରଫେସର ଫ୍ରାନ୍ସିସ୍ ଆସିସି ଅଲ୍ମେଇଦା, ଡ. ମହାବଳେଶ୍ୱର ରାଓ, ଡ. ଏ. ଆର. ଭାଷାଭି, ଡ. ଶିନ୍ତି ଆଣ୍ଟୋନି, ପ୍ରଫେସର ଆଲ୍ଲାମାପ୍ରଭୁ ବେଟାଡୁର ପ୍ରମୁଖ ବହୁ ଶିକ୍ଷାବିତ୍ ଜନଶିକ୍ଷା ନୀତି ସପକ୍ଷରେ ବକ୍ତବ୍ୟ ରଖିଥିଲେ। ★★★

Regd.No-ORI ORI/2011/37220 • VOL. NO. 13, ISSUE NO. 20 • ମୂଲ୍ୟ-୫ଟଙ୍କା

# ବିଶ୍ୱର ଶାନ୍ତିକାମୀ ମଣିଷ ସାମ୍ରାଜ୍ୟବାଦୀ ଆକ୍ରମଣ ଓ ଯୁଦ୍ଧ ବିରୋଧରେ ଏକ ହେବାକୁ ସାମ୍ରାଜ୍ୟବାଦ ବିରୋଧୀ ଫୋରମର ଆଲୋଚନା ଚକ୍ରରେ ଆହ୍ୱାନ

ଆମେରିକା ସମେତ ବିଶ୍ୱର ସାମ୍ରାଜ୍ୟବାଦୀ ଶକ୍ତି ମାନେ ଯୁଦ୍ଧ ଆତଙ୍କ ସୃଷ୍ଟିକରି ବିଶ୍ୱବ୍ୟାପୀ ନିଜର ଲୁଟ୍‌ର ସାମ୍ରାଜ୍ୟ ବିସ୍ତାର ପାଇଁ ଘୃଣ୍ୟ ଚେଷ୍ଟା ଚଳାଇଛନ୍ତି ଓ ଯେଉଁମାନେ ସେମାନଙ୍କ ନିକଟରେ ଆତ୍ମସମର୍ପଣ କରୁ ନାହାଁନ୍ତି ସେମାନଙ୍କୁ ଆକ୍ରମଣ କରି ଧ୍ୱସ୍ତ ବିଧ୍ୱସ୍ତ କରୁଛନ୍ତି ବୋଲି ସାମ୍ରାଜ୍ୟବାଦ ବିରୋଧୀ ଫୋରମ ପକ୍ଷରୁ ଜାନୁଆରୀ ୨୯ ତାରିଖରେ ଭୁବନେଶ୍ୱର ଲୋହିଆ ଏକାଡେମୀ ଠାରେ ଆୟୋଜିତ ଆଲୋଚନା ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିବା ସଙ୍ଗେ ସଙ୍ଗେ ଏହା ବିରୋଧରେ ବିଶ୍ୱର ଶାନ୍ତିକାମୀ ଜନସାଧାରଣ ଏକଜୁଟ ହେବାକୁ ଆହ୍ୱାନ ଦେଇଛନ୍ତି । ସାରା ଭାରତ ସାମ୍ରାଜ୍ୟବାଦ ବିରୋଧୀ ଫୋରମ୍ ଆନୁକୁଲ୍ୟରେ "ସାମ୍ରାଜ୍ୟବାଦୀ ଆକ୍ରମଣ ଓ ଯୁଦ୍ଧ ପୃଷ୍ଠଭୂମିରେ ଜନଗଣଙ୍କ ଐକ୍ୟ" ବିଷୟବସ୍ତୁ ଉପରେ ଅନୁଷ୍ଠିତ ଆଲୋଚନା ସଭାରେ ବିଭିନ୍ନ ବାମପନ୍ଥୀ ଦଳର ନେତୃମଣ୍ଡଳୀ ବକ୍ତବ୍ୟ ରଖି ବିଶ୍ୱ ବ୍ୟାପୀ ସାମ୍ରାଜ୍ୟବାଦୀ ଶକ୍ତିମାନେ ଯେଉଁ ଭଳି ଗୋଟାକ ପରେ ଗୋଟାଏ ଦେଶ ଉପରେ ଆକ୍ରମଣ କରି ସେଗୁଡିକୁ ଧ୍ୱସ୍ତ ବିଧ୍ୱସ୍ତ କରୁଛନ୍ତି ବା ଅର୍ଥନୈତିକ ଓ କୁଟନୈତିକ ଭାବେ ଶୋଷଣର ଜାଲରେ ଆବଦ୍ଧ କରି ତଳିତଳାନ୍ତ କରିଦେଉଛନ୍ତି ସେଥିନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି, ସମ୍ପ୍ରତି ପାଲେଷ୍ଟାଇନ୍, ଇରାନ, ଲେବାନନ୍, ୟୁକ୍ରେନ୍, ଭେନେଜୁଏଲା ଆଦି ଦେଶ ଉପରେ ଅତ୍ୟନ୍ତ ଅମାନବିକ ଆକ୍ରମଣ କରାଯାଇ ଶହ ଶହ ଶିଶୁ, ବୃଦ୍ଧ, ମହିଳାଙ୍କ ସମେତ ହଜାର ହଜାର ଲୋକଙ୍କ ପ୍ରାଣହାନି ଘଟିଲାଣି। ଏହା ବ୍ୟତୀତ ବହୁ ଦେଶ ଉପରେ ଆମେରିକା ଅର୍ଥନୈତିକ ଅବରୋଧ ଲାଗୁ କରିବା ଫଳରେ ସେସବୁ ଦେଶରେ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ପତ୍ରର ଘୋର ଅଭାବ ଯୋଗୁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ଆତ୍ମ ସମର୍ପଣ ନକଲେ ସେମାନଙ୍କ ଅବସ୍ଥା ପାଲେଷ୍ଟାଇନ୍ ଓ ଭେନେଜୁଏଲା ଭଳି ହେବ ବୋଲି ଆଜି ଆମେରିକା ଖୋଲାଖୋଲି ଧମକ ଦେଉଛି। ଭାରତବର୍ଷର ଜନସାଧାରଣ ମଧ୍ୟ ଏହି ଶୋଷଣରେ ସଢୁଛନ୍ତି ଏବଂ ସାମ୍ରାଜ୍ୟବାଦୀ ଚରିତ୍ର ଅର୍ଜନ କରିଥିବା ଭାରତବର୍ଷର ଶାସକ ଏକଚାଟିଆ ପୁଞ୍ଜିପତି ଶ୍ରେଣୀ ତୁଳନାମୂଳକ ଭାବରେ ଅନୁନ୍ନତ ଦେଶର ଜନ ସାଧାରଣଙ୍କୁ ମଧ୍ୟ




ଅମାନୁଷିକ ଲୁଣ୍ଠନ କରୁଛି। ଏହି ଭଳି ପରିସ୍ଥିତିରେ ଆନ୍ତର୍ଜାତୀୟ ସ୍ତରରେ ନ୍ୟାୟ ଓ ସୁରକ୍ଷା ପ୍ରଦାନ ପାଇଁ ଥିବା ସଂସ୍ଥା ଗୁଡିକ ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ପରିସ୍ଥିତିରେ ବିଶ୍ୱବ୍ୟାପୀ ଶକ୍ତିଶାଳୀ ଯୁଦ୍ଧ ବିରୋଧୀ ଶାନ୍ତି ଆନ୍ଦୋଳନ ଗଢିତୋଳିବା ଜନ ସାଧାରଣଙ୍କ ନିକଟରେ ଏକମାତ୍ର ବିକଳ୍ପ ବୋଲି ଆଲୋଚନା ସଭାରେ ମତ ପ୍ରକାଶ ପାଇଛି। ବିଶିଷ୍ଟ ଗଣିତଜ୍ଞ ତଥା ବିଭିନ୍ନ ପ୍ରଗତିଶୀଳ ଆନ୍ଦୋଳନର ବିଶିଷ୍ଟ ବ୍ୟକ୍ତିତ୍ୱ ଶିକ୍ଷାବିତ୍ ପ୍ରଫେସର ସ୍ୱାଧୀନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ସାରା ଭାରତ ସାମ୍ରାଜ୍ୟବାଦ ବିରୋଧି ଫୋରମ ର ରାଜ୍ୟ ଆବାହକ ଡ. ପୂର୍ଣ୍ଣଚନ୍ଦ୍ର ବେହେରା ଓ ଅବସର ପ୍ରାପ୍ତ ପ୍ରଶାସକ ତଥା ଶିକ୍ଷାବିତ୍ ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ସିଂହ ସଭା ସଂଚାଳନ କରିଥିଲେ। ସଭାରେ ଏସୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ କମ୍ରେଡ ଶଙ୍କର ଦାଶଗୁପ୍ତ, ସିପିଆଇ ରାଜ୍ୟ ସହ ସମ୍ପାଦକ କମ୍ରେଡ ଜୟନ୍ତ ଦାସ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ କମ୍ରେଡ ସୁରେଶ ପାଣିଗ୍ରାହୀ, ସିପିଆଇ(ଏମ୍-ଏଲ୍)ଲିବରେସନ୍ ରାଜ୍ୟ ସମ୍ପାଦକ କମ୍ରେଡ ଯୁଧିଷ୍ଠିର ମହାପାତ୍ର, ସିପିଆଇ(ଏମ୍-ଏଲ୍ - ରେଡଷ୍ଟାର) ରାଜ୍ୟ ସମ୍ପାଦିକା କମ୍ରେଡ ପ୍ରମିଳା, ଫରୱାର୍ଡବ୍ଲକ୍ ରାଜ୍ୟ ସଭାପତି କମ୍ରେଡ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସିପିଆଇ(ଏମ୍-ଏଲ୍)ରାଜ୍ୟ କମିଟି ସଦସ୍ୟ କମ୍ରେଡ ବାସୁଦେବ ଦାସ ପ୍ରମୁଖ ବକ୍ତାମାନେ ଏହି ଆଲୋଚନା ସଭାରେ ନିଜର ବକ୍ତବ୍ୟ ରଖିଥିଲେ। ★★★

# ରାଉରକେଲା ୱାର୍କର୍ସ ୟୁନିୟନର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ



ବିପ୍ଲବୀ ଶ୍ରମିକ ସଂଗଠନ ଏଆଇୟୁଟିୟୁସି ସହିତ ସହବନ୍ଧିତ ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ କାମ କରୁଥିବା ଶ୍ରମିକ, କର୍ମଚାରୀ ମାନଙ୍କୁ ନେଇ ଗଠିତ ରାଉରକେଲା ୱାର୍କର୍ସ ୟୁନିୟନ(RWU) ର ବାର୍ଷିକ ସମ୍ମିଳନୀ ସେକ୍ଟର-୧୭ଠାରେ ଅନୁଷ୍ଠିତ ହୋଇଥିଲା। ୟୁନିୟନର ସାଧାରଣ ସମ୍ପାଦକ କମ୍ରେଡ଼ ସତ୍ୟପ୍ରିୟ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଫେଡେରେସନ ଅଫ ଇଣ୍ଡିଆନ ଷ୍ଟିଲ ୱାର୍କର୍ସ (ଏଫଆଇଏଡବ୍ଲୁ) ର ସାଧାରଣ ସମ୍ପାଦକ କମ୍ରେଡ଼ ଅମର ନାଥ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ପ୍ରତି ଇସ୍ପାତ ଶିଳ୍ପରେ ଦେଖାଦେଇଥିବା ସମସ୍ୟା, ବିଶେଷକରି ଘରୋଇକରଣ, ଠିକାକରଣ ଆଦି ଫଳରେ କର୍ମ ସଂକୋଚନ, ବିଭିନ୍ନ ସୁବିଧା ସୁଯୋଗ ହ୍ରାସ କରାଯିବା ଆଦି ସମସ୍ୟା ଉପରେ ପ୍ରସ୍ତାବ ଆଗତ ହୋଇଥିଲା ଓ ଆଲୋଚନା କରାଯାଇ ସର୍ବଭାରତୀୟ ସ୍ତରରେ ଦୁର୍ବାର ଆନ୍ଦୋଳନ ପାଇଁ ଆହ୍ୱାନ ଦିଆଯାଇଥିଲା। ୟୁନିୟନର ସହସାଧାରଣ ସମ୍ପାଦକ କମ୍ରେଡ ଅଜିତ ନାୟକ ସମ୍ମିଳନୀର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। କମ୍ରେଡ ସୁବାସ ଦଣ୍ଡପାଟ, ବିରେନ ନାଏକ, ଧୋବେଇ ବେହେରା, ଆଲୋକ ବେହେରା, ଶେଖ ଇସଲାମଙ୍କ ସମେତ ବହୁ ଇସ୍ପାତ ଶ୍ରମିକ ଏହି ସମ୍ମିଳନୀରେ ଯୋଗଦେଇଥିଲେ।

# ଆଶା କର୍ମୀ ସଂଗଠନ ପକ୍ଷରୁ ଖୋର୍ଦ୍ଧା ଠାରେ ବିକ୍ଷୋଭ




କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇୟୁଟିୟସି ସହିତ ସହବନ୍ଧିତ ଓଡ଼ିଶା ମିଳିତ ଆଶା କର୍ମୀ ୟୁନିୟନ ଉଦ୍ୟୋଗରେ ଜାନୁଆରୀ ୧୬ ତାରିଖ ଖୋର୍ଦ୍ଧା ଜିଲ୍ଲାପାଳ ଅଫିସ ସମ୍ମୁଖରେ ଆଶାକର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଓ ମାସିକ ସର୍ବନିମ୍ନ ୨୬୦୦୦ଟଙ୍କା ପ୍ରଦାନ, କାମ କରିବାର ସମୟ ନିର୍ଘଣ୍ଟ ସ୍ଥିର ତଥା ଅନ୍ୟାନ୍ୟ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସ୍ଥଳରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଂଗଠନର ଖୋର୍ଦ୍ଧା ଜିଲ୍ଲା ସଭାପତି କମ୍ରେଡ ଅଶୋକ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏଆଇୟୁଟିୟୁସି ରାଜ୍ୟ ଉପ ସଭାପତି କମ୍ରେଡ ପୂର୍ଣ୍ଣଚନ୍ଦ୍ର ବେହେରା, କଳ୍ପନା ଚମ୍ପତି, ସରସ୍ୱତୀ ବେହେରା, କବିତା ଚମ୍ପତି, ସୁଲୋଚନା ପଟ୍ଟନାୟକ, ଏଆଇୟୁଟିୟୁସି ଖୋର୍ଦ୍ଧା ଜିଲ୍ଲା କମିଟି ସଭ୍ୟ କାର୍ତ୍ତିକ ଘଡ଼େଇ, ଜିତେନ୍ଦ୍ର ବଳବନ୍ତ ରାୟ, ଜୟନ୍ତ ମହାନ୍ତି, ସଂଘମିତ୍ରା ମହାପାତ୍ର, ଅବିନାଶ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ଥିଲେ। ଆଶା କର୍ମୀ ମାନଙ୍କର ବିଭିନ୍ନ ସମସ୍ୟା ଦୂର କରିବା ପାଇଁ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇ ଥିଲା।

# କେନ୍ଦ୍ର ସରକାରଙ୍କ ବଜେଟ ଉପରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ତତ୍‌କାଳ ପ୍ରତିକ୍ରିୟା

କେନ୍ଦ୍ର ବିଜେପି ସରକାରର ୨୦୨୬-୨୭ ବାର୍ଷିକ ବଜେଟ୍ ଉପରେ ତତ୍‌କାଳ ପ୍ରତିକ୍ରିୟା ରଖି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ସାଧାରଣ ସମ୍ପାଦକ କମ୍ରେଡ ପ୍ରଭାସ ଘୋଷ ଜାନୁୟାରୀ ୧ ତାରିଖରେ ଏକ ବିବୃତ୍ତି ଜାରି କରି କହିଛନ୍ତି:

ପୂର୍ବ ଭଳି ଆଜି ଉପସ୍ଥାପିତ ହୋଇଥିବା ୨୦୨୬-୨୭ ବଜେଟ୍ ଦେଶର ପ୍ରକୃତ ଅର୍ଥନୈତିକ ସ୍ଥିତିର ପ୍ରତିଫଳନ ନୁହେଁ, ବରଂ ବିଜେପି ସରକାରଙ୍କ 'ଚମତ୍କାର' ପ୍ରଦର୍ଶନର ଏକ ସୁସଜ୍ଜିତ ଆତ୍ମ-ପ୍ରଶଂସାମୂଳକ ଦଲିଲ୍, ଯାହା ସନ୍ଦେହଜନକ ଭାବେ ସଂଗୃହୀତ ମିଥ୍ୟା ତଥ୍ୟରେ ପରିପୂର୍ଣ୍ଣ। ଏଥିରେ କୌଣସି ନିର୍ଦ୍ଦିଷ୍ଟ କ୍ଷେତ୍ର ପାଇଁ ସ୍ପଷ୍ଟ ଆବଣ୍ଟନ କରାଯାଇ ନାହିଁ କିମ୍ବା ପୂର୍ବରୁ ଘୋଷିତ ପ୍ରକଳ୍ପ ଓ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି କିମ୍ବା ସେସବୁ ଉପରେ ଗ୍ରହଣ କରଯାଇଥିବା କାର୍ଯ୍ୟାନୁଷ୍ଠାନର ରିପୋର୍ଟ ବିଷୟରେ କୌଣସି ସୂଚନା ଦିଆଯାଇ ନାହିଁ।

ଅତ୍ୟଧିକ ଶିକ୍ଷାଗତ ଜାର୍ଗନ୍ (ଜଟିଳ ଶବ୍ଦ) ବ୍ୟବହାର କରି ବଜେଟ୍ ଅଭିଭାଷଣକୁ ଯଥାସମ୍ଭବ ଜଟିଳ କରାଯାଇଛି ଏବଂ ଏହା ବଡ଼ ବଡ଼ ବ୍ୟବସାୟୀ ଓ ଟ୍ୟାକ୍ସ ଫାଙ୍କୁଥିବା ବ୍ୟକ୍ତିମାନଙ୍କୁ ଅଧିକରୁ ଅଧିକ ସୁବିଧା ସୁଯୋଗ ପ୍ରଦାନ କରିବାର ସ୍ପଷ୍ଟ ସୂଚନା ବହନ କରୁଛି। ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବାର ଦାବି ସମ୍ପୂର୍ଣ୍ଣ ଭୁଲ୍, ଯାହାକି ଭୁଲ୍ ମାପଦଣ୍ଡ ଏବଂ ଅନୁପଯୁକ୍ତ ବିଶ୍ଳେଷଣ ପଦ୍ଧତି ଉପରେ ଆଧାରିତ। ବଢୁଥିବା ମୁଦ୍ରାସ୍ଫୀତି, ଟଙ୍କାର ମୂଲ୍ୟ ହ୍ରାସ, ବଢୁଥିବା ବେକାରୀ, ଶିଳ୍ପ ବନ୍ଦ ହେବା, ଲୋକ ଚାକିରି ହରାଇବା, ଗରିବ ଚାଷୀଙ୍କ ଆୟ ହ୍ରାସ ଏବଂ କୃଷି କ୍ଷେତ୍ରର ଦ୍ରୁତ କର୍ପୋରେଟାଇଜେସନ୍ ବିଷୟରେ ଗୋଟିଏ ହେଲେ ଶବ୍ଦ ଏହି ବଜେଟରେ କୁହାଯାଇ ନାହିଁ, ଯାହାକି ଲୋକଙ୍କ ଜୀବନକୁ ଦୁର୍ବିସହ କରିଦେଇଛି। 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍' (Ease of Doing Business) ସାଧାରଣ ନାଗରିକଙ୍କ 'ଇଜ୍ ଅଫ୍ ଲିଭିଂ' (Ease of Living) ଉପରେ ଭାରି ପଡ଼ିଛି।

କେନ୍ଦ୍ର ସରକାର ବାର୍ଷିକ ବଜେଟକୁ ମୌଳିକ ଅର୍ଥନୈତିକ ପରିସଂଖ୍ୟାନ ଓ ଜନସାଧାରଣଙ୍କ ଜୀବନ ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟବିହୀନ ଏକ ଶିକ୍ଷାଗତ ଦଲିଲରେ ପରିଣତ କରିଥିବାରୁ ଆମେ ଦୃଢ଼ କ୍ଷୋଭ ପ୍ରକାଶ କରୁଛୁ। କ୍ରମାଗତ ଭାବେ ଗରିବ ଓ ନିଷ୍ପେସିତ ହେଉଥିବା ଭାରତୀୟଙ୍କୁ କୌଣସି ଆଶ୍ୱସ୍ତି ଦେବା ପାଇଁ ଏଥିରେ କୌଣସି ଠୋସ ପଦକ୍ଷେପ ନାହିଁ। ତେଣୁ ଆମେ ଏହି ବଜେଟକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରୁଛୁ।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das